ନରାଜ ।

କଟକ ଟ୍ରେଡ଼ିଂ କମ୍ପାନୀ

NARAJA

BY

MRUTYUNJAYA RATH.

ନରାଜ

৺ ମୃତ୍ୟୁଞ୍ଜୟ ରଥ କର୍ତ୍ତୃକ

ପ୍ରଣୀତ

ତୃତୀୟ ସଂସ୍କରଣ

CUTTACK TRADING Co.,
Balubazar, Cuttack.
1928

ମୂଲ୍ୟ ଦୁଇଅଣା ଟ ° ,, ମାତ୍ର

ନିବେଦନ

ଗତ ମାର୍ଚ୍ଚ ମାସ ତା ୨୦ ରିଖ ରବିବାର ଫଗୁଦଶମୀ ଦିନ ମହାପ୍ରଭୁଙ୍କ ଦର୍ଶନ ପ୍ରଥମ, ମୋହର ଭାଗ୍ୟରେ ଘଟିଥିଲା । ସେହି ଦିନ ସେହିଠାରେ ମଧ୍ୟାହ୍ନ ସମୟରେ ପ୍ରସିଦ୍ଧ ସିଦ୍ଧନାଥ ମଠର ନିକଟରେ ବସି ମୁଁ ହଠାତ୍ କାହିଁ ପ୍ରଣୋଦିତ ହୋଇ ଏ ଅନଭ୍ୟସ୍ତ ହସ୍ତରେ ପଦ୍ୟ କେତୋଟି ପଂକ୍ତି ଲେଖିଥିଲି । ନିକଟରେ ମୋହର ଜଣେ ଅନ୍ତରଙ୍ଗ ବନ୍ଧୁ ତାହା ଦେଖିପାରି ତାହାର ବହୁ ପ୍ରଶଂସା କଲେ ଏବଂ କବିତାଟି ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପୁନଃ ପୁନଃ ଅନୁରୋଧ କରିବାରୁ ମୁଁ ପରବର୍ତ୍ତୀ ଦିନଦ୍ୱୟରେ ତାହା ପୂର୍ଣ୍ଣ କରି ରଖି, ଏତ ଶୀଘ୍ର ଏହା ଛାପିବ କରି ନ ଥିଲି । କିନ୍ତୁ ଏହାର ପ୍ରକାଶ ବିଷୟରେ ମୋହର ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାପାତ୍ର, ଶ୍ରୀ ସୁଧାମଚରଣ ନାୟକ, ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ନନ୍ଦକିଶୋର ବଳ ଏବଂ ଶ୍ରୀ ବିଶ୍ୱନାଥ କର ମହାଶୟମାନେ ମୋହପ୍ରତି ଦୟାର୍ଦ୍ର ହୋଇ ଏହାର ପାଣ୍ଡୁଲିପି ଥରେ ଆମୂଳ ପାଠ ପୂର୍ବକ ଅନୁକୂଳ ମତ ପ୍ରଦାନଦ୍ୱାରା ମୋତେ ଉତ୍ସାହିତ କଲେ । ତେଣୁ ମୁଁ ସେମାନଙ୍କଠାରେ କୃତଜ୍ଞତା ଜ୍ଞାପନ ପୂର୍ବକ ଏହା ପ୍ରକାଶ କରିବାକୁ ସାହସୀ ହେଲି । ପ୍ରକାଶଥାଉ କି, ସମାଲୋଚକମାନେ ଏହାକୁ ପ୍ରୀତି-ଚକ୍ଷୁରେ ଦେଖିବେ ଏବଂ ପାଠକ ସମାଜରେ ଏହାର ଆଦର ହେବ ବୋଲି ଆଶା କରି ନ ପାରେ । ଯେଉଁ ଯେଉଁ ସ୍ଥାନରେ ଅନେକ ମତଭେଦ ଥିଲା, ତାହା ଯଥାସମ୍ଭବ ପରିବର୍ତ୍ତିତ ହୋଇଅଛି ।

କଟକ	}	ଭକ୍ତ
୧୫ । ୫ । ୧୫	}	ପ୍ରଣେତା

ବିବିଧ ସଦ୍‌ଗୁଣଭୂଷିତ ସାହିତ୍ୟରସିକ ଏବଂ

ସାହିତ୍ୟ ସେବାର ଜଣେ ପରମ ଉତ୍ସାହଦାତା

ରାୟ ସୁଦାମଚରଣ ନାୟକ

ବାହାଦୁରଙ୍କ

ଶ୍ରୀକରକମଳରେ—

ସେଚିତ ଉତ୍ସାହ-ବୃକ୍ଷର ଆଦ୍ୟଫଳସ୍ୱରୂପ

ଏ କ୍ଷୁଦ୍ର

'ନରାଜ'

ତଦୀୟ ଗୁଣମୁଗ୍ଧ ପ୍ରଣେତାଙ୍କଦ୍ୱାରା

ଅର୍ପିତ ହେଲା

ନରାଜ

'ବୌଦ୍ଧ କୀର୍ତ୍ତି ରାଜି—ମଣ୍ଡିତ ନରାଜ'
ସତେ କି ଏ ନେତ୍ରେ ବିରାଜିବ ଆଜ ?
ଭେଟାଇଲା ଆଦ୍ୟେ ଏହ୍ନ ଆଶାବନ୍ଧ
ସନ୍ଧ୍ୟାଟନବନ୍ଧୁ କାଠଯୋଡ଼ୀ-ବନ୍ଧ ।
ବାଳଭାନୁ ସ୍ୱର୍ଣ୍ଣ- କିରଣେ ଛୁରିତ
ସିକତାଶୟନ ଦିଶେ ଶ୍ୱେତପୀତ ।
ଶବଳିତ ଶଯ୍ୟା ତେଜି ପଶ୍ଚିମାସ୍ୟେ
ପଶ୍ଚିମାଶାପଥ ଧରୁଁ ପୂର୍ବ-ଆଶେ
ପ୍ରାଚୀର ଆକାରେ ଦୂରୁ ଶୈଳରେଖା
ନୀଳ ବ୍ୟୋମତଳେ ଠୁଳେ ଦେଲା ଦେଖା ।
ଏକେ ଏକେ ପାଶେ ହେଲେ ସୁବ୍ୟକତ
କେ ନୀଳ ହରିତ ମିଶ୍ର ଆରକତ ।
ଦକ୍ଷିଣେ ପାଟଳ ନେତଲ ମୁଣ୍ଡିଆ
ଭାଲୁକା ଚଢ଼ଙ୍ଗ ପାଶେ ପାଶେ ଠିଆ ।
ଉତ୍ତରେ ବିଧାର— ପୁର ଟାଙ୍ଗି ଦିଶେ
ଛେଦନ ସୀମାପ୍ରାନ୍ତ— ସେତୁ ସତେ କି ସେ ?

ମଧ୍ୟେ ବିରାଜଇ   ସିନ୍ଦୂର ବରଣୀ
ଚଣ୍ଡିକାଗାମିନୀ   ଗୈରିକ ସରଣୀ ।
ମୂଳେ ମୂଳେ ଯାଇ   ଏହି ଠାଙ୍ଗି ଅନ୍ତେ
ପ୍ରଖରୀ ପ୍ରଣୟି—   ପ୍ରୟାଣେ ଚଳନ୍ତେ
ଦିଶିଲା ଅଦୂରେ   ନଈଜ ମୁହାଣ
ଉତ୍କଳେ ପ୍ରୟାଗ— ନାମେ ଯାର ଠାଣ ।
କାଠଯୋଡ଼ୀ ଯହିଁ   ଲଭଚ୍ଛି ଜନମ
ବେନି ସଙ୍ଗ ତହିଁ   କିବା ମନୋରମ !
ତୀରେ ବିରାଜିତ   ମହା-ଗୁମ୍ଫାବଟ ,
ଉତ୍କଳେ ଏହି କି   ହେବ ଶ୍ୟାମବଟ ?
ଘଞ୍ଚ ଡାଳପତ୍ରେ   ଥିବାରୁ ସୁସଞ୍ଚ
ଛୁଇଁ ନ ପାରଇ   ଆତପ ଯା ମଞ୍ଚ ।
ଜନମାନ ଏଥି   ପାଷାଣ ଦଣ୍ଡାଣୀ
ଯାପନ୍ତି ଆତପ-   କଷଣ ନ ଜାଣି ।
ଗ୍ରୀଷ୍ମେ ଥୋକେ ତାପ   ଦେଖିଲେ ଅନଳୁ
ଆଶ୍ରନ୍ତି ମଧ୍ୟାହ୍ନେ   ଯା ଶୀତଳ ତଳୁ ।
ସେହି ବଟମୂଳୁଁ   ନଇରବେ ଯାନ୍ତେ
ପଡ଼ିଲେ ନବଜ—   ଯାତ୍ରୀ ନେତ୍ରପ୍ରାନ୍ତେ ।
କେ କେତେ କରମେ   ଯାଉଛନ୍ତି ମାଡ଼ି
ଅମନେ ବନ୍ଧୁର—   ପଥେ ବାନ୍ଧ ଧାଡ଼ି ।

ବେଗୁଲ୍ ଟୋକାଇ   କାଗେ କାଖିଆଇ
ଶବର ପୁରନ୍ଧ୍ରୀ   ଗମନ୍ତି ଧୂଆଁଇ ।
ଜଙ୍ଗଲ ଝଙ୍କାରେ   କ୍ଷେପି କ୍ଷିପ୍ରେ ପାଦ
ଲକ୍ଷ୍ୟ ସ୍ଥାନେ ଯାନ୍ତି   ନ ଗଣି ପ୍ରମାଦ ।

ପୂରିଲେ ଭୂଜନ   ଫେରିବେ ଭବନେ
ନିଜ ପଣ୍ୟ ଦେନିଂ   ଆଶାପୂର୍ଣ୍ଣ ମନେ ।
ବାହୁଡନ୍ତି କେହ୍ନ   ଖଣ୍ଡ ଶିଳା ଶିରେ
ପାର୍ଶ୍ୱ-ପଲ୍ଲୀ ପ୍ରୌଢ଼ା ଯୁବତୀଏ ଧୀରେ ।
ଦଶନ୍ତି ଏ ଖବା   ଗ୍ରୀବା ସଂକୋଚରେ
ମ୍ଳାନଗଣ୍ଡ ଯୁଗେ   ସ୍ୱେଦଧାର ଝରେ ।
ବିଷାଦ ଭାବନା—   ମିଶ୍ରିତ ବରଣେ
ଅଙ୍କିତ ବଦନ,   ତାଙ୍କ ଅପଘନେ
ହିମପାତେ ମ୍ଳାନ   କମଳ ପରାଏ
ଖଣ୍ଡିତ ମୃଣାଳ—   ଗଳେ ଶୋଭା ପାଏ ।
ବନ୍ଧୁରିତ ଉର   ବିକଢ଼ିତ ବାସେ
ନୁହେ ହୃଦ ମଧ୍ୟ—ଭୂତ ଲଜ୍ଜାନାଶେ ।
ସ୍ଥିର ରଖି ବେନି   ଚକ୍ଷୁ ନାସାମୂଳେ
ଗମନ୍ତି ମନ୍ଥରେ   ଆତ୍ମା କି ମଣ୍ଡଳେ ?
ଭାରବନ୍ତଶିଳ   ବସାଇ ମସ୍ତକେ
ଆସୁଛନ୍ତି ଥୋକେ ଖଣିରୁ ବାହକେ ।

ତାଙ୍କ ବିନା ଆଉ ସେ ଶିଳାଭଜନ *
ବହିବାକୁ କିଏ ହେବ ବା ଭଜନ ?
ଉଦର ଯନ୍ତ୍ରଣା କରେ କଦର୍ଥନା
ସେଥିପାଇଁ କାର ନ ଥାଏ ଶୋଚନା ।
ନାହିଁ ସାଧ କେଣେ ଘୁଳିବାକୁ ମୁଖ
ସହନ୍ତି ସମ୍ମୁଖେ ତପନ-ମୟୂଖ ।
ବେନି କର୍ଣ୍ଣମୂଳେ ସ୍ୱେଦଜଳଧାର
ବହିଯାଏ ଶୈଳ— ଗର୍ତ୍ତ ଝରକାର ।
ଖଣି ଗର୍ତ୍ତେ କେତେ ଶିଳା ଶିଳ୍ପୀ ଛପି
କାଟୁଛନ୍ତି ଶିଳା ଜଳପି ଜଳପି ।
ଶାର୍ଦ୍ଦୂଳ ପରାଏ ଗରଜି ଶାବଳ
ପ୍ରବଳ ଟଙ୍କାରେ ଟାଳଇ ପଥର ।
ଯନ୍ତ୍ର ଘେନି ଥୋକେ ଗଢ଼ନ୍ତି ବର୍ଦ୍ଧକୀ
ଶିଳ ଶିଳପଟା ଖମ୍ବ ଖୁଣ୍ଟି ଚକ ।

ଛାୟାପ୍ରଦ ବଟ ପନସ ରସାଳ—
ଆଦି ଦ୍ରୁମ ପାଶେ ଶୋହେ ଯେଉଁ ମାଳ,
ନଦୀ ପାରି ହୋଇ ଦୂର ଶଗଡ଼ଆ
ଛାୟାତଳେ ଯାଇ ହୋଇ କ୍ଷଣେ ଠିଆ,
ଚଳନ୍ତି ଅଦୂର ସ୍ଥଳେ କେ ଉପେକ୍ଷି,
କେହି ବା ଲଗନ୍ତି ପାକେ ବେଳ ଦେଖି ।

* ଭଜନ—ବୋଝ

ସେ ମାଳ ଦକ୍ଷିଣେ   ନଦୀ ପୂର୍ବପାରେ
ନଗ୍ରଜ ଅଚଳ   ଠିଆ ନିଜ ଭରେ ।
କଣ୍ଟାବଂଶ କୁଞ୍ଜ   ପୁଞ୍ଜ ପୁଞ୍ଜ ଅଙ୍ଗେ
ବାଉର ଶତରେ   ତହିଁ କି ଅଭଙ୍ଗେ !
କାଟୁଛନ୍ତି କଣ୍ଟା   ଏଣେ ତେଣେ ବୁଲି,
କରେ ଲଗ୍ନ ତୀକ୍ଷ୍ଣ   କଟୁର ସବୁର ।
ଧନଯାକ କଣ୍ଟା   କାଟି ଯେଉଁ ଜନେ
ପରଧନ ପ୍ରୀତେ   ଚଳନ୍ତି ସଗଣେ ।
ଚଳଗୁଳ୍ମ ରେଖା   ପର୍ଶ୍ୱେ ସେ ଦଳ
କାଠଯୋଡ଼ୀ ଗର୍ଭେ   ଦଶେ ଅବିକଳ ।
ନାହିଁ ତାଙ୍କ କ୍ଷୁଧା   ତୃଷା ପଥଖେଦ
ଏ ବୌଦ୍ଧ ଅଚଳେ   ମଣନ୍ତି ଅଭେଦ ।
ଅଚଳ ମୂରତି   ପଡ଼ନ୍ତେ ନୟନେ
ତା କଳ୍ପିତ ରୂପ   ଛପିଲା ତକ୍ଷଣେ ।
ନୁହେ ଏ ଶଇଳ   ସୁନ୍ଦର ତେସନ,
ମୟୂରଙ୍କେ (୧) ଶୋଭେ   ଯେସନେ ମେଘାସନ,
ଉତ୍କଳ ଶିଖର—   କୁଳେ ଯାର ନାମେ
ପଡଅଛୁ ଗାର   ଖ୍ୟାତ-ଶୀର୍ଷ ଧାମେ ।

(୧) ମୟୂରଭଞ୍ଜରେ (୨) ଗୋନାସିକା ଶୈଳର ପାଦଦେଶରେ ଋଷିସଭା ନାମକ ସ୍ଥାନ ଋଷିବାସର ସୂଚକ । ଏହିଠାରେ ଆଦ୍ୟା ବୈତରଣୀ ଗଙ୍ଗା;

ତଡ଼ିଲ୍ଲତା ଯାର ଶିଖରେ ବିଳସି
ନିମେଷକେ ମିଶି— ଯାଏ ସେ ନଭସି ।
ଲଜ୍ଜା ସୀମନ୍ତ ଗିରି ମାଲ୍ୟବନ୍ତ
ବିବିଧ ବିଭବେ ପୂରିତ ଯେମନ୍ତ ।
ଅସମ୍ଭବ ତାହା ସଙ୍ଗେ ସ୍ୱାର ତୁଳା
କବି କଳପନା ଏଥି ପ୍ରତିକୂଳା ।
କେନ୍ଦୁଝର ଶିରୀ ଗିରି ଗୋନାସିକା
ତପୋରତ ଋଷି— ବାସ ପ୍ରକାଶିକା [୨]
ଯଜ୍ଞକାଳେ ଯହିଁ ହୋମାନଳଭାଣ୍ଡେ
ମ୍ଳେଚ୍ଛ କରିଛିନ୍ନ ଧେନୁମୁଣ୍ଡ ଗୁଣ୍ଡେ
ପଡିନ୍ତେ ରୁଧିର— ଧାରି ନାସାରନ୍ଧ୍ରୁ
ଝରି କଳୁଷିତ କରିଲା ତହିଁରୁ
ଗୋନାସିକା ଆଖ୍ୟା— ଧରି ଯେ ଶଇଳ
ବ୍ରହ୍ମାବରେ ଗଙ୍ଗା— ପ୍ଲାବିତ ଶରୀର

ଲେଖାଅଛି । ଏହାର ନାମକରଣ ସମ୍ବନ୍ଧରେ ଏହି କିଂବଦନ୍ତୀ ଅଛି ଯେ, ଋଷିମାନେ ଯଜ୍ଞ କରୁଥିବାବେଳେ ଅନାର୍ଯ୍ୟ ମାନେ ଗୋଟିଏ ଗୋରୁର ଶିରଚ୍ଛେଦନ କରି ହୋମକୁଣ୍ଡରେ ପକାଇ ଦେଇଥିଲେ । ସେହି ଗୋନାସିକାରନ୍ଧ୍ରରୁ ରକ୍ତ ବହି ଯଜ୍ଞକୁ କଳୁଷିତ କରିବାରୁ ସେମାନେ ବ୍ରହ୍ମାଙ୍କୁ ସ୍ତୁତିକଲେ ଏବଂ ତାଙ୍କ ପ୍ରସାଦରେ ସେଠାରେ ଆଦ୍ୟାବୈତରଣୀ ଗଙ୍ଗା ଆବିର୍ଭୂତା ହୋଇ ସେ ସ୍ଥଳ ପବିତ୍ର କଲେ ।

ଯା ପାଦୁ ସମ୍ଭବ ଆଦ୍ୟା ବୈତରଣୀ
ପୁଣ୍ୟା ପୟସ୍ୱିନୀ ପତିତ-ପାବନୀ
ଆଦ୍ୟା ରାଜଧାନୀ ପାଦ ଧୋଇ ମୁଦେ
ମିଶାଇଛୁ ଉଦ ମହୋଦଧିହ୍ରଦେ ।
ତନୁଜା ଗର୍ବିଣୀ ତାହା ନକହେ କି
ରହିବ ନରାଜ ଦଣ୍ଡେ ମୁଣ୍ଡ ହେକ ?

ନୀଳଗିରି ଗିରି— ମାନେ ନୀଳତମ
ପାର୍ଶ୍ୱ ଶୈଳ ବ୍ରଜେ ଦେବରାଜୋପମ,
ହେକଥାଏ ନତ ଯାର ଶିରେ ଛତ
ହେମରେଖାକାରେ ଜୀମୂତସଂହତ ।
ସେ ସ୍ୱର୍ଣ୍ଣଚୂଡ଼ର ସମ ନାହିଁ ଆର
ତୁଙ୍ଗ ଶୃଙ୍ଗ, ଅନ୍ୟେ କରେ ଯା ଧିକ୍କାର ।

ଦର୍ପଣ ମଣ୍ଡଳେ ଦର୍ପେ ଦଣ୍ଡାୟିତ
ପଞ୍ଚ ଦେବ ଅଧି— ଷ୍ଠାନେ ପ୍ରତିଷ୍ଠିତ ।
ସ୍ତବକିତ ତରୁ ଅଶୋକେ ଯାହାର,
ବସନ୍ତ ମାଧୁର୍ଯ୍ୟ ଦଶେ ମହୋଦାର ।
ସୁବର୍ଣ୍ଣ ବରଣ ସୁନା ଝର ଯହିଁ
ମଣ୍ଡେ ଗଣ୍ଡଭାଗ ଅଗୋଚରେ ବହି ।
ମଧୁଶର ଭୟ— କଣ୍ଠ-ଜଳକୁଣ୍ଡେ
ଝରି ଆସେ ସ୍ୱଚ୍ଛ ନୀର ବୃଷ ତୁଣ୍ଡେ ।

ଶ୍ୱାପଦ-ସଙ୍କୁଳ ତୁଙ୍ଗ ଶୈଳେଶ୍ୱର
ବନାତ୍ମକ ସର ଏ ନୁହେ ଶ୍ୟାମଳ !
ଢେଙ୍କାନାଳ ଶୈଳ— ମାଳ-ମଣିହାର
ଶିବ ଅଧିବାସେ ପବିତ୍ରିତଶିର
କପିଳାସ, ସ୍ୱଚ୍ଛ— ଝରେ ମନୋହାରୀ
ସ୍ମରଲେ ଏହାକୁ କେ ଯିବ ପଶୁର !!
କୃଶୋଦରୀ ଦୟା ମାଧୁରୀ ଇକ୍ଷଣେ
ଜଡ଼ସାକ୍ଷୀ ମଧ୍ୟେ ବଚକ୍ଷଣ ଜଣେ,
ଯା ପାଦେ ନଗରୀ ଥିଲା ଶୋଭମାନା
ବୌଦ୍ଧଙ୍କର ଯହିଁ ଉଡୁଥିଲା ବାନା,
ଘୋର ଗିରିଗୁହା ସୂକ୍ଷ୍ମ ସୂକ୍ଷ୍ମତରେ
ମୁହାଁଇଛି ଯହିଁ ଷିଖୁଁ ରସାତଳେ ।
ଧର୍ମାଶୋକ ଧର୍ମ— ଆଦେଶ ଯା ପାଶେ
ଅଶ୍ୱତ୍ଥାମା କୁମ୍ଭ— ଦେଶ ପରକାଶେ ।
ଦେଉଳମଉଳି ସେହି ଧଉଳିର
ଭୁଲେ ଏ ଶଇଳ ଟେକବ କ ଶିର ?
ଅଖଣ୍ଡ ବଉଦ୍ଧ ଯଶ ହୃଦେ ବହି
ସେ ଖଣ୍ଡ ଉଦୟ— ଗିରି, ପୂର୍ବେ ଯହିଁ

ବସୁଥିଲେ ରାଜା— ଯାଙ୍କ ରାଜରାଣୀ (୧)
ବଖାଣିବ କିଏ ସେ ଶିଳ୍ପ-କାହାଣୀ ?
ନାନା ଗୁମ୍ଫା ଲିପି ପ୍ରାସାଦେ ମଣ୍ଡିତ,
ତା ଦେଖିଲେ ଏଥି ଚଳିବ କି ଚିତ୍ତ !
ଖୋରଧାର ପାର ଶଇଳ ତରୁଣୀ,
ବାରୁଣୀ ଆକାଶେ ଦିଶେ ଯାହା ପୁଣି
ଦୂରୁ ସମନମ୍ର ତ୍ରିବଙ୍କିମ ରେଖା—
ପରାଏ ସୁନ୍ଦର, ତାକୁ କି ଏ ଲେଖା !
ଯା ନିତମ୍ବେ ଦେବୀ ପାଦୁଁ ସୂତ ଝର
ଝର ସ୍ଫୁଳି କରେ ପ୍ରପାତେ ମୁଖର ।
ରାଜଇ ଯା ଶିରେ ଗହ୍ୱର କୁକଳା—
ଗୁପ୍ତଗଙ୍ଗା ସଙ୍ଗେ ସେ ପାଣ୍ଡବଘର । (୨)

(୧) ଏହିଠାରେ ପ୍ରସିଦ୍ଧ ରାଣୀହଂସପୁରର ଦ୍ୱିତଳ ଗୃହରେ ପୂର୍ବେ ରାଜା ଲଳାଟେନ୍ଦୁ ଓ ତଦୀୟ ମନ୍ତ୍ରୀ ମଧ୍ୟେ ମଧ୍ୟେ ବାସ କରୁଥିବାର ଇତିହାସରୁ ପ୍ରମାଣ ମିଳେ ।

(୨) ଏହି ପାହାଡ ଉପରେ 'ପାଣ୍ଡବଘର' ବିଦ୍ୟମାନ, ପାଣ୍ଡବମାନେ ଏଠାରେ ଥାଇ ପଶା ଖେଳିଥିଲେ ଏବଂ ଭୀମ ହସ୍ତର କାଠି ଉପରେ ବାଜି ଖଣ୍ଡେ ପଥର ଛିଣ୍ଡି ଯାଇ ଥିବାର କିମ୍ବଦନ୍ତୀ ଅଛି । ଏହା ନିକଟରେ ଥିବା ଗୁପ୍ତଗଙ୍ଗାର ଜଳ ପେୟ ନୁହେଁ । ରଜସଂକ୍ରାନ୍ତିକୁ ଏଠାରେ ବହୁ ଲୋକଙ୍କର ମେଳା ହୋଇଥାଏ ।

କ୍ରୀଡ଼ାକାଳେ ଭୀମ ଅକ୍ଷକାଠି ବାଜି
ଛୁଡ଼ିଥିଲା, ଯେଉଁ ଶିଳା ତାହା ଆଜି
ଦେଖାଇ ସେ କଥା କହନ୍ତି ପଥିକେ
ରଜପର୍ବେ ଅନୁ— ଯାତ୍ରିକଙ୍କୁ ଠିକେ ।
ଚୂର୍ଣ୍ଣୀଭୂତ ଶୈଳ ମଧ୍ୟେ ମୁଣ୍ଡ ଟେକି
ଦର୍ପୋନ୍ନତ ନଗ ଉନ୍ନତଙ୍କ ଦେଖି,
ଏହି ସେ ଦଶଇ ସପ୍ତଶଯ୍ୟାଗିରି
ତା ଚୂଳାରେ ସ୍ମୃ:ର ଅଛୁ କବା ଶିଖି !!
ପୂରିଛି ଏପରି କେତେ ଗିରିଟଙ୍କ
ଶଇଳ-ସଂକୁଳ ଉତ୍କଳର ଅଙ୍କ ।
ସୁନ୍ଦର ଶ୍ୟାମଳ ସ୍ନିଗ୍ଧ ସେ ସକଳ
କିନ୍ତୁ କି କୁତ୍ସିତ ସ୍ମାର କଳେବର !
କାହିଁଛି ଏହାର ସେ ଶୋଭା-ବିଭବ
ମୁଗ୍ଧ ଦେଖି ଯାହା ଦଶେ ନବ ନବ ।
ଏ ଶିଳା ମଣ୍ଡଳେ ନାହିଁ ସେ ସ୍ନିଗ୍ଧତା
ବର୍ଣ୍ଣୋଦ୍ଭବମୟ ମାଧୁର୍ଯ୍ୟ ମୁଗ୍ଧତା ।
ଝରୁ ନାହିଁ ଏହା ଦେଇ ସ୍ୱଚ୍ଛ ଝର
ଶୁଷ୍କଶିଳା ଶୁଷ୍କ ପତରେ ମର୍ମ୍ମର ।
ନୁହଇ ଏ ଶୈଳ ମରକତ ସେରୁ
ଲତା ଗୁଳ୍ମମାନେ ରହିତ ଯେହେତୁ ।

ନାହିଁ ତ ଏଥିରେ କେକା-କେକାରବ,
କଳରବ ବିନା ନିତାନ୍ତ ନୀରବ ।

ନାହିଁ ଏଥି ଗୁଚ୍ଛ୍ୟା- ଦଗ୍ଧ ବନସ୍ପତି
ହରିବ ମଧ୍ୟାହ୍ନେ ପଥିକ-ତପତ ।

କି ଅଛି ବା ଏଥି ଦୃଶ୍ୟ ମନୋହର
ଆକର୍ଷିବ ଲେଶେ ଦର୍ଶକ-ଅନ୍ତର ।

ନ ଥାଉ ପଛକେ କନ୍ତୁ ଏହିମାନ
ତଥାପି ନଗଜ ଦିଶଇ ମହାନ ।

ଏ ଯେଉଁ କୁଞ୍ଚିତ କାଉଁଚ ଲତକା
ରକ୍ତଫଳ-ପୁଞ୍ଜେ ନିକୁଞ୍ଜ-ଦ୍ୟୋତକା ।

ଏହିତ ଏହାର କୁସୁମ ସ୍ତବକ
ରତ୍ନାପିତ ମଣି— ହାର, ବିଭୂଷକ ।

କେ ଅଛି ସ୍ପୃହାପଦ ବେଣୁଜଟାଧାରୀ
ତୀର୍ଥ କୂଳେ ସର୍ବ — ଜନ ମନୋହାରୀ !

ଶୁଷ୍କ ରୁଙ୍ଗ ଲୁଗୁ ଉକୁଟାଏ ଘାର
ନିଷ୍ଠୁର ନିର୍ମମ ହୃଦୟ-ବିସ୍ତାର ।

ସେ ବିରାଟ ଶିଳା—ପଟେ ମହାପାଟ
ପାତାଳକୁ କିବା ଫିଟିଛି ଏ ବାଟ !

କିଏ ବା କଳିବ ଗାମ୍ଭୀର୍ଯ୍ୟ ଏହାର
ନିଗୂଢ଼ ରହସ୍ୟ କେ ପାଇବ ତାର !

ଶିଳାପରେ ଶିଳା   ବସିଅଛୁ ମାଡ଼ି
ମଦ୍ଧ୍ରଷା ଉପରେ କି କାଳି କରିଲି !

ପୂର୍ବମୁଖୀ ହୋଇ   ଧୂଏ ଯା ଚରଣ
ମହାନଦୀ ଗୀତ—ମାଳା ଅନୁକ୍ଷଣ ।

ସିଦ୍ଧନାଥ ପୀଠ   ମୁକୁଟ ଲଲାଟେ
ତାର ବନବାସୀ ହନୁଙ୍ଗେ ଯା ଭ୍ରଟେ ।

ବାପୀ ପ୍ରାନ୍ତ ତୀର   ମହାନଦୀ ଦଣି,
ବକ୍ଷେ ପ୍ରତିବିମ୍ବ ବହେ ଦିବାନିଶି ।

ହୋଇଛୁ ତୋରଣ   ଦେଖଦ୍ୱାର ଗିରି
ଇତର ଅଚଳେ ତା ପଛେ ପାଚୀରି !!

ଶୈବଳ ସୋପାନ ପଦଙ୍କ-ଶୋଭନ୍ତି ।
ବଲ୍କଳ ପରିଧେ   ସନ୍ଧ୍ୟ-ବଲମ୍ବିତ ।

ଶିରେ କନଅର   କରେ ଜର୍ଘ ଝୁରନା,
ବହୁ ତନ୍ଦ୍ରିଂ ପୁଣି   ଆସନ ମାର୍ଜନା।

କରେ ତରୁପକ୍ଷେ   ପ୍ରମର ବ୍ୟଜନ
ତରଙ୍ଗିତ ନଦୀ—   ସଙ୍ଗୀ ସମୀରଣ ।

ଏକା ଏ ମାରୁତ   ଗ୍ରନ୍ଥୀ ଝର ସମ
ଉପୁଜାଏ ହୃଦେ   ଆହ୍ଲାଦ ପରମ ।

କେତେ ସ୍ଥଳୀ ଖୋଲି   ମଞ୍ଜୁଳ ଏହାର
ଠାବେ ଠାବେ ପୁଣି   ଦଶେ କି କରାଳ !

ଶ୍ରମକାନ୍ତଗୁଣ   ବେହଙ୍କି ଆଦର,
ହୃଦେ ମହାଭାବ   ଗମ୍ଭୀରତା ଧର,
ରାଜଇ ବଉଦ୍ଧ—   ଯତ୍ର ପ୍ରାନ୍ତ ଆଜ
ଅବା ଏ ନଗ୍ରଜ   ସତେ ନଗରାଜ !
 ଶିଖରେ ଏହାର   ଶିଳାଭିତ୍ତି କାଟି
ଚଉପାଶେ କର   ବେଢା ପରିପାଟୀ,
ଅନ୍ତର୍ଭୂତ ଶିଳା—   ମୂଳ ଭିତ୍ତିପରେ
ନିର୍ମିଲେ ଦେଉଳ   ଶିଳ୍ପୀଏ କୌଶଳେ,
ପ୍ରତିଷ୍ଠିଲେ ଇଷ୍ଟ—ଦେବ ତହିଁ ପର,
ଶିଳ୍ପିବଳେ ଶୋଭି   ଗରଭେ ଗମ୍ଭୀର,
ଧର୍ମଧ୍ୱଜାଧାରୀ   ବଉଦ୍ଧ ପ୍ରଧାନେ
ପ୍ରଜାଙ୍କର ହିତେ   ଆଦ୍ୟେ ବହୁମାନେ ।
ନାହିଁ ଏବେ ତହିଁ   ବଉଦ୍ଧ-ମୂରତି
ରହିଅଛି ମହା—ମହେଶ ଶକତି,
ଭଜଲାଣି ଶିବ—ଲିଙ୍ଗ ଅଦର୍ଶନ
ହଳମାନ ଅଛି   ତହିଁ ନିଦର୍ଶନ ।
ତପୋରତ ସିଦ୍ଧ   ବୁଦ୍ଧମୂର୍ତ୍ତି ଏକ (୧)
ରଖିଅଛି ଶକ୍ତି—ପୂର୍ବେ ପୂର୍ବଠେକ,
ପଡ଼ି କାହିଁ କେତେ   ନିରଙ୍ଗ ବିଗ୍ରହ

(୧) ଏହି ଶକ୍ତିର ପୂର୍ବ ପାର୍ଶ୍ୱରେ ଗୋଟିଏ ବୁଦ୍ଧମୂର୍ତ୍ତି ରହିଅଛି ।

ଚେତାଉଛୁ ଧର୍ମ— ଦ୍ରୋହୀଙ୍କ ନଗ୍ରହ ।
ଦେଉଳର ଚୂଡ଼ା— ପିଣ୍ଡ ମୁଣ୍ଡେ ବନ୍ଧ
ସୌମ୍ୟ ବୌଦ୍ଧମୂର୍ତ୍ତି— ଗୃହ ବିରାଜଇ,
ମନ୍ଦର ପଶ୍ଚିମେ ଲଭ୍ୟ ଏ ମଣ୍ଡପ,
ସଦା ସୁଶୀତଳ ଯା ଗୃହୁ ତଳପ ।
ହରଇ ଏ ପଥ—ଶ୍ରାନ୍ତ ପଥିକର,
ତଥା ଏ ସମ୍ମୁଖ ଦୃଶ୍ୟ ମନୋହର ।
କାନ୍ତତର ଏଥି ସୁକାନ୍ତଙ୍କ ସୁତା
ନାନାକାର-ତରୁ—ଶୈଳରାଜି-ଯୁତା,
ଖଇଳ କବଳୁ ବାହାରିଲା ପର
ଦେବଦ୍ୱାର ପାଶେ ଦିଶନ୍ତି ସୁନ୍ଦରୀ ।
କୃଶୋଦରୀ ଏହି ଠାବେ ପ୍ରସାରିତା,
ସୁବିପୁଳ ପୂରେ ଦୂରେ ପ୍ରବାହିତା ।
ବର୍ଷାକାଳେ ଯେବେ ପୂରି ଦେବଦ୍ୱାର
ମହାଘୋର ନାଦେ ଡେଇଁପଡେ ଧାର,
ସେକାଳେ ଆକାର ସ୍ମରି କି ବିରାଟ !
ଦେଖନ୍ତି ଏକା ତା ସେହି ଶୈଳଆଟ ।
ଏବେ ଏ ଶୈଳର ନୀଳ ଦରପଣ
ପରିଏ ହରଇ ଦର୍ଶକ ନୟନ ।
ଆହା ! ଏ ସଲିଳ କେଡେ ସୁବିମଳ

ଉତ୍କଳ ଉତ୍ସଙ୍ଗେ   କିବା ଗଙ୍ଗାଜଳ ?

ନମସ୍ତେ ଜାହ୍ନବି !   ଉତ୍କଳପାବନୀ
ବିଚିତ୍ର ଉପଳ—ଚିତ୍ର ଅପଘନୀ ।
ତୋ ଦର୍ଶନେ ହୃଦ   କି ପ୍ରସନ୍ନ ଆଜ
ଧ୍ୱଂସିଲା କଳୁଷ   ତୋର ବାରି ବାଜ,
ସୁବିପୁଳ କୋଳ   ଯେହ୍ନେ ତୋ ସତତ
ସକଳେ ପାଳିବା   ପାଇଁ ପ୍ରସାରିତ !
ତୋ ସଲିଳେ ଶସ୍ୟ—ଶାଳିନୀ ଅବନୀ
ହୃଦେ ସନ୍ତରଇ   ଦନ୍ତୁର ତରଣୀ,
ଉତ୍କଳ ବାଣିଜ୍ୟ-   ବାହନ, ସୁଭଗା
ରଖିଅଛୁ କେତେ   ଦୁଃଖୁ ତ୍ରିପଥଗା ।
କେତେ ଶାଖା ମେଲି ଦେଉଛୁ ଉତ୍କଳେ
ଉତ୍କଳ ଉଦର   ପୁଷ୍ଟ ସେହି ଜଳେ ।
ତୋହଠାରୁ ଜନ୍ମ   ଲଭି କାଠଯୋଡ଼ି
ଧାଏଁ ପୂର୍ବମୁଖେ   ନିଜ ମାର୍ଗ ଲୋଡ଼ି ।
ଉତ୍କଳର ରାଜ—   ଧାନୀ ବିଭବନୀ
କଟକର ପଦେ   ଖେଳେ ଯେ ତଟିନୀ,
ପିଇ କଟକିଏ   ଯାର ସ୍ୱଚ୍ଛ ପୟେ
ବିହରନ୍ତି ମୁଦେ   ଛଟକେ ଅଭୟେ,
ଯା ତୀର ସମୀର   ସେବି ନାଗରିକେ
ହୃଦେ ମୁଦଭାର   ବହନ୍ତି ଅଧିକେ ।

ଯା ଜନ୍ମ ବପୁଳ ଜଳଧାରୀ ଦେଇ
ବହେ କୁଆଖାଇ ଦକ୍ଷିଣଗାମିନୀ ।

ସେହି ଧାରୁ ପୁଣି ଅନ୍ୟେ ଭାରଗଣ
କୁଶଭଦ୍ରା ଦୟା ମଧ୍ୟେ ଜନ୍ମ ଲଭି,

ଦୂରନ୍ତ ପୁରୀର ନୀରସ ଅନ୍ତର
ସେହି ନୀରେ ପୁଷ୍ଟ କେତେ ନାରୀ ନର ।

ତୋ ଗର୍ଭ ସମ୍ଭୂଦ ସିନା ଏ ସରବେ
ବିତରନ୍ତି ସୁଧା ଏ ଉତ୍କଳ ଭବେ ?

ବିରୂପାକ୍ଷ ତପୀ ତପଃଫଳେ ଧନ୍ୟା
ବିରୂପା ତଟିନୀ ତୋ ସୁରୂପା କନ୍ୟା ।

ଦେଖଇ ବିସ୍ମିତ ଯହିଁ ନିଜରୂପ
ରାମେଶ୍ୱର ଶୈଳ ବୌଦ୍ଧକୀର୍ତ୍ତି ସ୍ତୂପ,

ରଥାଙ୍ଗ ଦମ୍ପତି ପ୍ରୀତିବରଧନୀ
ସୁଶସ୍ୟଶାଳିନୀ ଯା ତୀର ଅବନୀ ।

ଗିରୁ ଚନ୍ଦ୍ରୋତ୍ପଳା ମାହେଶ୍ୱରୀ ଚଣ୍ଡା
ଉତ୍କଳେଶ ଶିବ ଯୋଗେ ସୁପବନା ।

ବହିଯାଏ ପଦ— ବନ ପଦତଳେ
ଜଳଧାର ଯାର ମୃଦୁ କଳକଳେ ।
ଭକତ ଅଚ୍ୟୁତ ଯା ଜଳେ ବର୍ଦ୍ଧିତ
ଚନ୍ଦ୍ରତୋଳା ନାମେ ଖ୍ୟାତ ସେ ସରିତ ।

ଏ ଆଦି ବିବିଧ ନଦୀରୂପେ ଏକା
ତୁହି, ବହୁରୂପୀ- ବେଶେ ଦେଇ ଦେଖା,
ସେବିଲୁ ବିବିଧ ଜନପଦ ପଦ
ସେ ଜଳ-ସମ୍ପଦେ ନୁହେ କେ ଉନ୍ନତ ?
କ୍ଷୁଦ୍ର ସର୍ପେଶ୍ୱରୀ ତୋର ପାର୍ଶ୍ୱେ ଧାଏଁ
ଶଇଳ ଉଢ଼ାଳେ କୃଶାଙ୍ଗ ଲୁଚଏ ।
ଗର୍ଭେ ଶୋଭି ଶୁଭ୍ର 'ଧବଳ—ଈଶ୍ୱର'
ଉପୁଜାଏ ଭଙ୍ଗ ତରଙ୍ଗେ ତୋହର ।
କେତେ କାହିଁ ଗିରି ତୀରେ ହୋଇ ଠିଆ
ବଢ଼ାନ୍ତି ତୋହର ଗମ୍ଭୀରପଣିଆ ।

ଠାବେ ଠାବେ ଉଠି ମହାତଣ୍ଡି ପଠା (୧)
ନ ଦିଅନ୍ତି ତୋର ଭଙ୍ଗେ (୨) ପଛହଟା,
ନେଡ଼ିତାରୁ ତୋର ତେଉକୁ ସେ ନେହେଲେ
ସ୍ଥଳ ମଣି ଜୀବେ ଚରିଲେଣି ମେଳେ ।
ଏ ସକଳ ହେଲି ତୁହି କଲ୍ଲୋଳିନି,
ହୋଇଅଛୁ ଦୂରେ ସାଗର-ସଙ୍ଗିନୀ ।

ଏ ଉତ୍କଳେ ତୋର ଚିହ୍ନ କଳେବର
ସଭିଙ୍କି ଦିଶଇ ଅତି ମନୋହର ।

(୧) 'ନନ୍ଦକେଶ୍ୱରୀ ପଠା' ପ୍ରଭୃତି ଏହାର ଦୃଷ୍ଟାନ୍ତ ସ୍ଥଳ । ବର୍ତ୍ତମାନ ସେ ସବୁ ଜୀବଜନ୍ତୁର ଆବାସଯୋଗ୍ୟ ସ୍ଥଳରେ ପରିଣତ ହୋଇଅଛି । (୨) ତରଙ୍ଗ ।

ସରୁ ସରୁ ହୋଇ   କେତେ ନାଳ ଶିର
ପ୍ରସରୁ ଧରାକୁ   କରନ୍ତି ରୁଚିର ।
ନୀଳବର୍ଣ୍ଣ ରେଖା   ପରି ଦୂରଯାଏ
କ୍ଷୀର ତରୁ ମଧ୍ୟେ   ଯାହା ଶୋଭାପାଏ ।
ରାଜହଂସ ପ୍ରାୟେ   ମିଶି ଯାଏ ଜଳେ
ଧବଳ ବୋଇତ   ଦୂରେ ଯା ଅନ୍ତରେ ।
ରନ୍ଧ୍ର (୧) ବକ୍ଷ ମଧ୍ୟେ   ବନ୍ଧ ଯାର ଜଳ
କ୍ଷୀର ଧରଣୀକି   କରଇ ଶ୍ୟାମଳ ।
ଯୋଡ଼ି କଙ୍କଡ଼କା   ଜଡ଼ିଲା ପ୍ରକାର
ରାଜଇ ଯା ଶିରେ   ସେତୁ ଜାଲି ବାଡ଼ ।
ଯା ଯୋଗୁ ବନ୍ଧନ   ଲଭି ତରଙ୍ଗିଣୀ
ଅଶ୍ରୁ ଝର ପାନେ   ସଦା ବିଳାପିନୀ ।
ସେଠା ସ୍ୱଚ୍ଛନ୍ଦତା   ନୋହିବଟି ହୁଡ଼
ମୁଦ ଦମକରେ   ହୃଦ ଯାଏ ବୁଡ଼ ।
ପ୍ରତି ଅର୍ଗଳିରେ   (୨) ଯନ୍ତ୍ରାର୍ଗଳ ମାୟା
ଦେଖି ପାସୋରିବ   କଏ ତାର ଗ୍ରମ୍ଯା ?

(୧) ପ୍ରତ୍ୟେକ ନାଳ ମଧ୍ୟରେ ଗୋଟିଏ ଛିଦ୍ର ବା ପୋଲରୁ କ୍ଷୁଦ୍ର ପାଣିନାଳମାନ ତାହାର ଉଭୟ ପାର୍ଶ୍ୱର କ୍ଷେତ୍ରକୁ ଜଳ ଯୋଗାଏ ।

(୨) ଅର୍ଗଳ=Lock ଅର୍ଥାତ୍ ନାଳର ଅର୍ଗଳସ୍ଥାନ । ସାଧାରଣତଃ ଲୋକେ ଏହାକୁ ସେହି ଲକ୍ କହିଥାନ୍ତି ।

ଏ ଆଦ୍ର ପାବନ ଶୋଭା ଉପାଦାନ
ତୋର ଯୋଗୁଁ ମହା— ନନ୍ଦ, ମହାସ୍ନାନ ।

ନଭେ ଏବେ ରବି ଖରୁଁ ଖରତର
ନଗ୍ନ ବକ୍ଷ ଦଗ୍ଧ— ମୟୂଖେ ଭାସ୍ୱର ।
ଦେହେ ସହି ଆହା ସେ ଆତପ ଦାହେ
କରମ ଆଦର ମାଝୀ ତରୀ ବାହେ ।

ଖରକର ଜାଳେ ଦୂରେ ଦଶେ ତରୀ ;
କୁହେଳି ଗରଭେ ଲିଭିଗଲା ପରି ।

ସମୀର ପରଶେ ନୀର ଆସ୍ତରଣ
ମୃଦୁଳ ହିଲ୍ଲୋଳେ କରେ କଳସ୍ୱନ,
ତାଳେ ତାଳେ ଶିର ନଚାଇ ଶୈବଳ—
ପଦତଳେ ପିଟେ ହୋଇଣ ସଲୀଳ ।

ଜଳଜନ୍ତୁଙ୍କର ନାହିଁ ସେ ସ୍ଫୁରତ
ସର୍ବେ ନିସ୍ତବ୍ଧତା ଭଜିଲେଣି ଅତ ।
ନାହିଁ ଏବେ ଶିଳା— ଶିଲ୍ଲୀର ଗହଳ
କାହିଁ ସେ ପାଷାଣ— ହଣା କୋଳାହଳ ?

ମିଶାଏ ସ୍ୱରବ ଯାମଘୋଷି-ଘୋଷେ
ମାଳ ତରୁଗୁଳ୍ମ ଝିଙ୍କରୀ କ ତୋଷେ ?

ଡ଼ାଳୁଁ ଡାଳେ ଉଠି ହଳଦୀ ବସନ୍ତ
ମୃଦୁ କଳରବେ ଦିଏ କି ଉଦନ୍ତ !

ପଲ୍ଲବିତ ତରୁ ବ୍ରତତି ଝାଉଁଳି
ଦିଶେ ଯେହ୍ନେ ଶୋକ- କାତର ପିଉଳି !

ବାହାର ବିହାର ପରିହରି ଅଳି
ପତ୍ର କୁଞ୍ଜେ ପୁଞ୍ଜେ ମିଳନ୍ତି ଗୁଞ୍ଜରି ।

ପତ୍ରେ ପତ୍ରପରେ ଉଡ଼ି ପ୍ରଜାପତି
ପକ୍ଷ ଢୁଳି ମନ୍ଦେ ପୁଣି ବିରମନ୍ତି ।

ଅବତରି ଚିରି— ଶିଖୀ ଗୋରୁପଲ
ଆଶ୍ରିଲେଣି ଏବେ ଗୁଳ୍ମ ତରୁତଳ ।

ଦେଖି ମଧ୍ୟାହ୍ନର ପ୍ରତାପ ପ୍ରବଳ
କଣ୍ଟା କାଟି ଚାଳ କାଟିଲେ ଶବର ।

ଏହି ଯେ ଅଗ୍ରତେ ଦିଶେ ଶୈଳଧାଡ଼ୀ
କୁହେଳି କି ତହିଁ ଯାଉଅଛି ମାଡ଼ି ?

ଝୁହୁଁ ଝୁହୁଁ ଏବେ ହୋଇଲା ଧୂମଳ
ବଦଳିଲା ପୂର୍ବ ସେ ଭାବ ଶ୍ୟାମଳ ।

କାର ମଧ୍ୟ ପୀଠେ ଉଠି ଧୂମସ୍ତୋମ
ବପୁକୁ ବିସ୍ତାରି ବ୍ୟାପୁଅଛି ବ୍ୟୋମ ?

ଦାବାଗ୍ନିର ଅବା ହେଲା କି ଉଦ୍ଭବ ?
ତ୍ରାସେ ବିକମ୍ପିତ ଏବେ ଜୀବ ସର୍ବ ।

ତାଡ଼ିଗଲା ଜଳ ସେ ତପତି ସଙ୍ଗେ,
ତପତ ସିକତା ମହାନଦୀ ଅଙ୍ଗେ ।

ଚାଲିଲା ନବୀନ ଶଇଳ ସୋପାନ
ପାରୁଣେ ପାଷାଣ— ଖଣି ଗର୍ଭମାନ ।

ବନକେ ବହଙ୍ଗେ ଆସି ମାଳ ମାଳ
ସଙ୍କୁଳିଲେ ମୌନେ ଶିର ତରୁ ଡ଼ାଳ ।

ଶୀତବାର ଯୋଗେ ବହିଲା ପ୍ରଖରେ,
ନବୀନ ମାରୁତ ଶଇଳ ଶିଖରେ ।

ଶିଖର ବନ୍ଧପୀ ପୁରାଣ ପିପ୍ପଳ
ରଚିଲା ପଲ୍ଲାଳୀ ଗୃହ କୋଳାହଳ ।

ଶାଖା ଗୁଳ୍ମବାଣୀ ବଚାପ ଯେସନେ
ମାଡ଼ିଆସେ କଣା ଶଲ୍ଲ ସୁପ୍ତ କର୍ଣ୍ଣେ,

ସେ ଘୋର ନିଃସ୍ୱନେ ଭାଙ୍ଗନ୍ତେ ସ୍ୱପନ
ତେଜ ସହଯାତ୍ରୀ ଖୋଜିଲି ବଜନ ।

ରବିକରୋଜ୍ଜ୍ୱଳ ସେ ଚତ୍ର ଅଞ୍ଚଳେ
କରନ୍ତେ ମନ୍ଦର ପ୍ରଦକ୍ଷିଣ ଥରେ,

ଦକ୍ଷିଣେ ଦଶିଲା ଗୁମ୍ଫା ଦୁଇଗୋଟି
ଏକ ନିମ୍ନେ ଅନ୍ୟ ଊର୍ଦ୍ଧ୍ୱେ ଅଛି ଘୋଟି ।

ପଶ୍ଚିମକୁ ଦ୍ୱାର ବେଦୀର ମୁକତ
ମଧ୍ୟେ ଗର୍ଭଦ୍ୱାରେ ଏବେବି ଯୁକତ ।

ତଳଟିରୁ ବଳି ଘର୍ଘ ଊର୍ଦ୍ଧ୍ୱତଳ,
ବସନ୍ତେ ଅନ୍ତର ହୋଇଲା ଶୀତଳ

ଧନ୍ୟ ସେ ନିର୍ମାଣ କୌଶଳ ଏହାର
ନିଃଶଙ୍କ ଶିଳ୍ପୀଙ୍କ ଟଙ୍କ * ବ୍ୟବହାର,
ଶୈଳେ ଶୈଳେ ସବୁ ଏ ଶିଳ୍ପ ଗୃହଗୁଚ୍ଛ
ବୌଦ୍ଧ ଭାରତର ଚିରନ୍ତନ ତୁଚ୍ଛ ।

ଧନ୍ୟ ଧନ୍ୟ ଆହେ ବୌଦ୍ଧ ନରପତି
ଶୈଳଗର୍ଭ ଖୋଳି ସ୍ଥାପିଲ ଭାରତି,
ଧନ୍ୟ ଭୂମି ଦମ୍ଭ ଧନ୍ୟ ଶିଳ୍ପକଳା
ଶୈଳ ଭୋଦିବାରେ ହୋଇଲ କୁଶଳା !

ଭାରତର ପ୍ରତି— ଜନପଦେ ତବ
ରହିଛି ଏ ଶିଳ୍ପ ଅନଳ୍ପ ବିଭବ,
କାହିଁ ଶୈଳଶିଖେ ବିବରେ ନିତମ୍ବେ
କାହିଁ ଗିରିଖୋଲେ ସ୍ତୂପେ ଯୂପେ ସ୍ତମ୍ଭେ ।

ବସାଇଲେ କେତେ ରମ୍ୟ ସୌମ୍ୟ ମୂର୍ତ୍ତି
ତଥାପି ସ୍ପୃହାର ହେଲା ନାହିଁ ପୂର୍ତ୍ତି,
ପ୍ରଚାରିଲ ଧର୍ମ ରାଜ୍ୟେ ପ୍ରଜାବନ୍ଧୁ
ଉଦ୍ଧରିବା ପାଇଁ ଜନେ କର୍ମବନ୍ଧୁ ।

ପାଉନାହିଁ ଶୋଭ ଏ କରାଳ କାଳ
ତବ କୀର୍ତ୍ତିମାଳ ରହିଛି କଙ୍କାଳ ।

---

* ପାଷାଣ ଭେଦନ ଅସ୍ତ୍ର

ପାରିଲେ କି ଲେପି   ଭିନ୍ନଧର୍ମୀ ଭୂପେ
ସ୍ଥାପି ଅନ୍ୟରୂପ   ସେହି ଭିତ୍ତିସ୍ତୂପେ ?
ଛପିଅଛି ସତ୍ୟ,   କେତେ ସେ ମୂରତି
ହୋଇଲାଣି କାର   ଆନେ ପରିଣତି ।
ବହଳ ସିନ୍ଦୂର-   ଲେପେ କେ ହେଲାଣି
ଗ୍ରାମପ୍ରାନ୍ତ—ତରୁ   ତଳେ ଠାକୁରାଣୀ । *
କେ ସନ୍ଥମାଧବ ୧   ନାମେ ପରିଚିତ
ହିନ୍ଦୁଙ୍କରେ ପୁଷ୍ଟ   ଚନ୍ଦନ ଚର୍ଚ୍ଚିତ,
କାହିଁ ବାସୁଦେବ   ଧର୍ମ-ନିରଞ୍ଜନ
କାହିଁ ସିଦ୍ଧନାଥ   ଶାନ୍ତ ନାରାୟଣ ।
କାହିଁ ଶିବାଳୟ   ପାରଶ୍ୱ ଦେବତା
କାହିଁ ଦ୍ୱାରପାଳ   କିଏ ଜାଣିବ ତା ?
ତଥାପି ସେ ରୂପ   ଏ ଗୁମ୍ଫା ଗୋପନେ
ଜପୁଛନ୍ତି ବୁଦ୍ଧ   ନାମ ଅନୁକ୍ଷଣେ,
ସେ ନାମ ଅଛି କେ   ନେବ ବା ଛଡ଼ାଇ ?
ଶୁଦ୍ଧବପୁ ସତ୍ୟ   ଦେବ ଉଜାଡ଼ାଇ ।

* ଉତ୍କଳର ବୌଦ୍ଧପ୍ରଧାନ ଅଞ୍ଚଳରେ ଏଦୃଶ୍ୟ ବିରଳ ନୁହେଁ । ଧଉଳି ଓ ଯାଜପୁରର ମୂର୍ତ୍ତି ଅନୁସନ୍ଧେୟ ।

୧ ଯାଜପୁର ଠାରେ ଏକ ଅତି ସୁନ୍ଦର ବୁଦ୍ଧମୂର୍ତ୍ତି ମିଳିଥିଲା । ତାହାକୁ ସ୍ଥାନୀୟ ଲୋକେ ସନ୍ଥମାଧବ ବୋଲି ପରିଚୟ ଦିଅନ୍ତି ।

କି କ୍ଷଣେ ଜନ୍ମିଲ ମୁନୀନ୍ଦ୍ର ଗୌତମ,
ପୂତ ଏ ଭାରତ ଧାମ ଅନୁପମ,
ଭବେ ଅପ୍ରତିମ ରାଜଲକ୍ଷ୍ମୀ ସୁଖ
ଉପେକ୍ଷି ସଂସାରୁ ହୋଇଲ ବିମୁଖ ?

ଆଦରି ଦୁଷ୍କର ତପସ୍ୟା ସାଧନ
ହରିବାକୁ ବିଶ୍ୱ— ଜନଙ୍କ କଷଣ,
ଲଙ୍ଘି ଘୋର ଗିରି କାନ୍ତାର ସରିତ
ମହାବୋଧି ତଳେ ହେଲ ଉପସ୍ଥିତ;

ସାଧି ମହାଯୋଗ ମହାବୋଧ ତହିଁ
ଧର୍ମ ଉଦ୍ଧରିଲ ପାପମଗ୍ନୀ ମହୀ ।

ଅସ୍ତ ଜ୍ଞାନ-ରବି ପଶ୍ଚାତେ ଅନ୍ଧାର
ଘୋଟିଥିଲା ଧୀରେ ଭାରତ ସଂସାର
ସେ ତମିସ୍ରା ନାଶେ ଶୀତରଶ୍ମି ବହି
ଶାନ୍ତିର ଭୁବନ ହେ ନବ ବିରହି,

ରଚିଲ ଚନ୍ଦ୍ରମା— ରୂପେ ଅବତରି
ଗଲା ଚହିଦିଗେ ସେ ଜ୍ୟୋତି ପ୍ରସରି ।

ସୁଦୂର ସିଂହଳ ତିବ୍ବତ ଜାପାନେ
ଉଡ଼ିଲା କେତନ ବୁଦ୍ଧ ଶୁଦ୍ଧ ନାମେ,

କାତ୍ୟାୟନ ଆଦି କେତେ ମୁନିବର
ପ୍ରଚାରିଲେ ନବ ଧରମ ସୁନ୍ଦର ।

ସେହି ଧର୍ମପୁରେ ଭୂରି ଭୂରି ସୂରି
ପୂରି ଯୁଗେ ଯୁଗେ ଏହି ଦେବ ପୁରୀ (୧)
ପୂରିଇଲେ ପୁଣି ଦେଶ ଦେଶାନ୍ତର
ଉପଦେଶ ସୁଧା— ରସେ ନିରନ୍ତର,
ସତ୍ୟ ଧର୍ମ ସାଥେ ସଦ୍‌ଜ୍ଞାନ-ସହିତ
ବହିଗଲା ଦିଶି ଦିଶି ଅବାରିତ ।

ଥିଲା କି ସୁପ୍ରଭା ଭାରତ ଧରଣୀ
ଲଭିଲେ ଯେ କାଳେ ସକଳେ ଏ ମଣି !
ରଚିଲେ କେ କେତେ ଦିଗ୍ଗଜ ପଣ୍ଡିତ
ନାନାଶାସ୍ତ୍ର ଧର୍ମ- ସୂତ୍ର ତର୍କାଶ୍ରିତ,
କଳା ବସ୍ତୁବାଦ (୨)— ବିଦ୍ୟାର ଯେସନ
ହୋଇଥିଲା ଋଦ୍ଧି, କଳାର ତେସନ
ହେବାରୁ ସମୃଦ୍ଧି, ଦେବଙ୍କ ମିଳନେ
ଭାରତ ଭାସି ତ ସେ ଅପୂର୍ବ ଧନେ ?
ସେହି ଧନେ ହୋଇ ଆଦ୍ୟ ଅଧିକାରୀ
କେତେ କେତେ ମୁନି ଶୁଦ୍ଧ ବୁଦ୍ଧିଧାରୀ,
ସମାଜର ହିତେ ଭଜି ପରିବ୍ରଜ୍ୟା
ଗୁମ୍ଫା ଗିରିଖୋଲେ କଲେ ତପଶ୍ଚର୍ଯ୍ୟା

---

(୧) ଭାରତ
(୨) ବିରୋଧୀ

ଧନ୍ୟ ଯତି ! ତୁମ୍ଭ ଖଳ (୧) ଚସ୍ରଳତା
ଯାପିଲ ସେକାଳ ଅର୍ଜି ଅମରତା ।

କେଉଁ ଦମ୍ଭେ ତୁମ୍ଭେ ଶୂନ୍ୟ ଶୈଳମୂଳେ
ଗମୁଥିଲ ଦନ ମହାନଦୀ କୂଳେ ?

ଚଉପାଶେ ଶ୍ୟାମ ଶଇଳ ପଙ୍କତି
ମଧ୍ୟେ ଜଳାରଣ୍ୟ କି ବିରାଟ ଅତି ?

ବିଷୟୀଙ୍କୁ ଏହା ପିନା ଭୟଙ୍କର ?
ଥିଲ ତୁମ୍ଭେ କିନ୍ତୁ, ଶୋଭାର କିଙ୍କର ।
ନିସର୍ଗ ସୁଷମା— ସୋମରସପାନେ
ମତ୍ତ ହୋଇ ପିନା ରତ ଥିଲ ଧ୍ୟାନେ ?
ଦେଖିଥିବ କେତେ ବସି ଏ ନିରୋଳେ
ଏହି କଲ୍ଲୋଳିନୀ— କେଳି ବେନ ଡ଼ୋଳେ ।
ଏ ସ୍ନିଗ୍ଧ ଶ୍ୟାମଳ ତରୁ ଗୁଳ୍ମଜାଳେ
ଶୁଭ୍ର ସଇକତ— ଟଙ୍କ ଶୈଳମାଳେ ।

ଦିବ୍ୟ ଛବି ଅନୁ— ଭବ ଏ ନୀରବେ
ଥିଲ ଭବେ ହେଳି ପାର୍ଥିବ ବିଭବେ ।

କାହିଁ ଗଲା ତୁମ୍ଭ ସେ ଧ୍ୟାନ ଆସନ
ରହିଲା କେବଳ ଏ ଶିଳା-ପଉନ ।

ଶୂନ୍ୟ ଗୁମ୍ଫା ବହି ପଡ଼ିଛି ନଗ୍ନ

(୧) ଗୁହା ବା ଗୁମ୍ଫା ।

ଏ କାଳକୁ ଲୋକେ   ତନ୍ଦ୍ରିକ ନାଗର ?

ଅହିଂସା ଅଭୟ—   ଆଦ୍ୟ ସତ୍ୟ ବାଣୀ
ବଖାଣିବା ପାଇଁ   ଅଛୁ କେ ବହ୍ମାଣୀ ?

କଣ୍ଠତରେ ତାହା   ଏ ଗୁମ୍ଫା ଅନ୍ତର
ଅଙ୍କୁରାଇ ଦଏ   ଭାବୁକ ଅନ୍ତର ।
ଏ ଶିଳା-ମଣ୍ଡପ   ଏ ଶୈଳ ପବନ,
ତବ ଅନ୍ତେବାସୀ   ପ୍ରାପ୍ତ ଅନୁକ୍ଷଣ ·
ଖଟନ୍ତ ପଥିକ   ପଥ୍ୟ ଲାଗି ଆହା,
ବାହାରର ତାପ   ନ ପାଏଠି ରାହା !

ଏ ନଦାଘ ଦବା   ସଜବନ ଶଂସୀ
ନୃଶଂସ ଆତପ—   ପ୍ରତାପକୁ ଧ୍ୱଂସି
ଦେଉଛି ଆଶ୍ୱାସ   ଶୀତ ଗାତ୍ରସ୍ପର୍ଶେ
ଦୂର ଦାବାଗ୍ନିର   ତପତକୁ ଧର୍ଷେ ।
ଏ ନଦୀ ତରଙ୍ଗେ   ଶୀତଳିତ ଅଙ୍ଗ
ମନ୍ଦାନିଳେ ଝୁଲି   ଲଭି ଅଙ୍ଗସଙ୍ଗ,
ବିତରଇ ସେହି   ଶାନ୍ତ ସୁଧାରସ
କ୍ଷଣେ ହୃଦ ଯାରେ   ହୁଅଇ ସରସ ।

କେତେ ଯତ୍ନେ ଭଲା   ଲଭିବ ସମାଧି !
ଅଯତ୍ନ ଲଭଧ   ଏଥି ଶାନ୍ତିବାରି ।
ଏଠାର ମାଧୁରୀ   ଏ ଦେଶ ସୁଷମା,

ଏ ପୁଣ୍ୟ ବିଭୂତି   ପ୍ରୀତି ନିରୁପମା ।
ଏ ବିଜନ ସ୍ଥଳୀ—   କମନୀୟ ଛବି
ପାଇବ କି ଘରେ   ବସି ଅନୁଭବି ?
ଯେତେ ଦେଖ ତହିଁ   ମୋହିନୀ ମୂରତି
ହେବ କି ତହିଁରେ ଆତ୍ମାର ତୃପତି ?
ସେ ରୂପରେ କାହିଁ   ଏତେ ପବିତ୍ରତା
ବିଶ୍ୱଜନପ୍ରିୟ   ସାଧୁତା ମୁଗ୍ଧତା !
ଭୁଞ୍ଜିବାକୁ ବାଞ୍ଛା   ଥିଲେ ଏ ସମ୍ପଦ
ଭଜ ବନେ ହେଲେ   ଏ ଭଳି ଆସ୍ପଦ !
ଖସିଲାଣି ଏବେ   ଦର୍ପ ତପନର
ଖଣିଗର୍ଭ ପୁଣି   ହେଲାଣି ମୁଖର ।
ଚଳିଲେ ପଥିକେ   ଗ୍ରାମ୍ୟାତକୁ ତେଣି
ନିଜ ନିଜ ଦୁଃଖେ   ମନେ ମନେ ହେଜି ।
ଗାଈଆଳ ଜଳ   ନଦୀରୁ ପିଆଇ
ଉପରକୁ ପୁଣି   ଚଢ଼ିଲାଣି ଗାଈ ।
ଆହାର ସଂଗ୍ରହ   ଆଶା ବନ୍ଧ ହୃଦେ,
ବିହଗ ବିହଗୀ   ବିହରିଲେ ମୁଦେ ।
ଚଉପାଶୁ ଆସି   ପକ୍ଷୀ ଦଳେ ଦଳେ
ଆଶ୍ରୟ ଭଜିଲେ   ମହାନଦୀ-ଜଳେ ।
ଉଠିଲା ମଗର   ଭଣ୍ଡି ଯୋଗ୍ୟକାଳ

ଜଳ ଆସ୍ତରଣ ଭେଦ ଧକରାଳ ।

କ୍ଷଣେ ଜଳପରେ କ୍ଷଣେ ତା ଅନ୍ତରେ,
ହର୍ଷେ ମତ୍ସ୍ୟ ଗ୍ରାସି ଚନ୍ଦେ ଗହ୍ୱରରେ ।

ମହାନନ୍ଦୀ ଅଙ୍ଗେ ଉପୁଜ ତରଙ୍ଗ
ପିଟି ହୋଇ ବେନ କୂଳେ ଦେଲେ ଭଙ୍ଗ ।

ଦେଖି ଏହି ରଙ୍ଗ ଉଠନ୍ତେ ଉପରେ
ଦକ୍ଷିଣ ପୂରୁବ ରଖି ସମ୍ମୁଖରେ,

ପଡ଼ଲା ଦକ୍ଷିଣେ ଖର୍ଘ ଆୟତନ
ସମତଳ ଏକ ଶିଳା ଆସ୍ତରଣ ।

ପ୍ରବେଶନ୍ତେ ଶାନ୍ତ କାହୁଁ ଆସେ ତହିଁ
ମୋହେ ଯା ଭାବୁକ ମନ ରହି ରହି ।

ଏ କଣ ପ୍ରକୃତ ଅବା ବୌଦ୍ଧକୃତ !
ନ ଜାଣିଲେ ଚର୍ଚ୍ଚ ନ ଭଜେ ନବୃତ୍ତି ।

ବୋଧିସତ୍ତ୍ୱଙ୍କର ଥିଲା କି ଏ ସଭା ?
ତାଙ୍କ ବିନା ଆନେ ଏତ ଅସୁଲଭା ।

ଏହି ଠାବେ ଉଭା ହୋଇ ବାଗ୍ମି ବରେ
ପ୍ରଗ୍ଭୁ ଥିଲେ କି ଧର୍ମ ଏ ଅଞ୍ଚଳେ ?

ଗୁହାବାସୀ ଯତି— ମାନେ ବା ବାହାର
ହେଉଥିଲେ ଏଥି ଶୋଭା ଅଧିକାର !
ନଷ୍ଟେ ବନ୍ଧୁ ପଦେ ପୂତ ଏହି ସ୍ଥଳ

ତଳେ ପୁଣି ଦୂରେ   ବନେ ବନ ଗଡ଼ ।
ଗୈରିକ ରଞ୍ଜିତ   ଲଭି ଫବେ ସ୍ଥଳ
ଖଣ୍ଡାକାରେ ଯହିଁ   ଦିଶେ ମାଳ ମାଳ,
ଏ ରମ୍ୟ ଅଞ୍ଚଳେ   ଦେଖି ଏ ବସତି
ହୃଦେ ଜାଗେ ଆଗେ   ସେ ପୂର୍ବସ୍ମୃତି ।
କେଉଁ ରାଜାଙ୍କର ଥିଲା ରାଜଧାନୀ
କେ ତାହା ଏକ୍ଷଣି   ପାରିବ ବଖାଣି ?
ଇତିହାସ ଯହିଁ   ହୋଇଛି ନୀରବ
ସେ ସତ୍ୟ ଲଭେ କେ   କରିବ ପ୍ରୟାସ ?
ଏକା କଳପନା   ବିବୃତବଦନା
କରିପାରେ କିଛି   ତାର ଉଦ୍ଭାବନା !
ହରାଇ ଏ ସ୍ଥଳୀ   ସେ ପୂର୍ବ ଗୌରବ
ହୋଇଅଛି ଏବେ   ବିଲୁପ୍ତ-ବିଭବ ।
କାହିଁ ଗଲା ସେହି   ନବାଡ଼ି ନଗର,
ଉଡ଼ୁଥିଲା ଯହିଁ   ନତ ପରଙ୍ଗର,
ତୋରଣ ମସ୍ତକେ   ଗୁରୁ ବୈଜୟନ୍ତୀ
ସିଂହାସନେ ହସୁ—   ଥିଲା ରାଜଛତ୍ର ।
ଅନ୍ତଃପୁରେ ଥାଇ   ଯହିଁ ପୁରନାରୀ
ଉତ୍ତର ପ୍ରାଚୀର   ସମ ମନୋହାରୀ,
ଏହି ଶୈଳପରେ   ରଖି ଦୃଷ୍ଟି ଦୂରୁ

ନିରେଖୁଣ ଥିବେ ପକ୍ଷୀସଙ୍ଗେ ଦୂରୁ ।
ପଲ୍ଲବିତ ତରୁ ବ୍ରତତୀର ଶୋଭା
ନବୀନ ବସନ୍ତେ ମନ ନେତ୍ର ଲୋଭା ।
ତହିଁ ସଙ୍ଗେ ନାନା ପକ୍ଷୀଙ୍କର ମେଳା
ଡାଳରେ ହିଲଣି— ବସନ୍ତର ଖେଳା ।
ଶୁଣୁଥିବେ ପୁଣି ପିକ କଳସ୍ୱନ
କୂଜନ ସଙ୍ଗରେ ମଧୁପ ଗୁଞ୍ଜନ ।
ଏହି ଋତେ କେବେ ନବର ରସିକେ,
ନୃବର ଗହ୍ୱଣେ ଦେଖୁଥିବେ ଠିକେ,
ପୁର ପ୍ରାଙ୍ଗଣର ହଟଜ ମାଧୁରୀ,
ସୁଧାରସେ ହୃଦ ଯାଉଥିବ ପୂରି ।
ହନ୍ତୁଥିବେ ଯେବେ ପଦାତ ପଙ୍କତ
ତଳେ ଚଜ ବ୍ୟୂହ, ସେ ଛବି କେମନ୍ତ ?
ଅଶ୍ୱ ପୃଷ୍ଠେ କର— ସ୍ତୋଷ୍ଟମାର ଥୋକେ,
ଘୂଲନ୍ତି ଚଉଁଳେ ଏଥି ହବାଲେକେ,
ଛଣେ ହେଉଥିବ ନେତ୍ର ଅଗୋଚର,
ଦରଶନେ ଯାର ସନ୍ତୋଷ ନୃବର ।
ମହାନଦୀ ଜଳେ ହସ୍ତୀଙ୍କ ନ୍ତୁହର
ଧଣୁଥିବ ଆହା ! କେମନ୍ତ ସୁନ୍ଦର !
ନବର ଉତ୍ସବେ ଏଥି ବାଦ୍ୟଧ୍ୱନି

ଧ୍ୱନମନ୍ତ୍ର କରୁ— ଥିବ ଏ ଅବନୀ,
ପ୍ରତି ଶୈଳଦେହେ ହୋଇ ପ୍ରତିହତ
ପୁଣି ନଦୀ ବତ— ଷଡଜ ସଙ୍ଗତ ।

ଏହି ଘୋର ରୋଳେ ଭାଙ୍ଗୁଥିବ ଜାଣ
ଏ କନ୍ଦରେ ବୌଦ୍ଧ— ଯତିଙ୍କର ଧ୍ୟାନ ।

ଏହି ଶୈଳ ମୂଳେ ଗଜବାଜିଶାଳ
ଥିବ, ଏବେ ତାର କାହିଁ ବା କଙ୍କାଳ ?

ପ୍ରତି ପ୍ରାତେ ଏଥି କବିକା ଚର୍ବଣ-
ସଙ୍ଗେ କରୁଥିବେ ତୁରଗେ ଲେହନ,

ଆହାର ପଶ୍ଚାତେ ପଇଛବ ଶିଳା,
ଝୁଲୁଥିବେ ଗଜେ କରି ଚନ୍ଦ୍ର ଲୀଳା ।

ତାଙ୍କର ବୃଂହିତ ହ୍ରେଷା ମିଶ୍ରସ୍ୱବେ
ମୁଖରିତ ସଦା ଗୁମ୍ଫା ଏହିଠାବେ ।

କଲ୍ଲୋଳିନୀ-କୂଳ କଳ ସେହିକାଳେ
ପରେ ଶ୍ରୁତିସୁଧା ଢାଳୁଥାଇ ଢାଳେ ।

ଶୁଣି ଅପ୍ସରାଏ ପୂର୍ଣ୍ଣ ଅନୁରାଗେ
ଚଞ୍ଚଳ ପାଦ ଗୁଳି ଆଗେ ଆଗେ,
ହରିଦ୍ରା କଳିତ— ଅଙ୍ଗୀ ବରାଙ୍ଗୀଏ
ନାନା ଭଙ୍ଗୀ କରି ଚଳନ୍ତି ସଭଏଁ ।

କେହି ରକ୍ତବସ୍ତ୍ରା କେବା ପୀତାମ୍ବରୀ

କେହ୍ବ ଘନ ନୀଳ- ଚେଳା ବିମ୍ବାଧରୀ ।
ଯୁବାମନଗଞ୍ଜୀ ଅଞ୍ଜନର ଗିରୀ
ଢଣେ ନେତ୍ରପ୍ରାନ୍ତେ କେମନ୍ତ ଭୁଚରୀ ।

ଆକୁଳ କୁନ୍ତଳ ଝୁଲେ ଗଣ୍ଡସ୍ଥଳେ
ସୁଠଳ ତାଟଙ୍କ ବେନିକର୍ଣ୍ଣ ତଳେ ।

ବସ୍ତ୍ର ଫୁଟି ହେମ— ଅଙ୍ଗ ଦିଶେ ତୋର
ଯୁବା ଦର୍ଶକର କଷଣ ପାସୋରି ।

ମନ୍ଦାଳସେ ଧୀରେ ଚଳନ୍ତେ ପବନେ
ଅଞ୍ଚଳ କେତନ ଫୁରଇ ସଘନେ ।

ବଜାଇ ଚରଣେ ନୂପୁର ବାଜଣା
ମଧ୍ୟେ ଦୋଳେ କଳ—ଧଉତ ରଶନା ।

ଏଣେ ତେଣେ ଲାସ୍ୟେ ଚଳଭୂରୁ ଗ୍ଲଳି
ପ୍ରବେଶନ୍ତ ନଦୀ— କୂଳେ ସବୁ ଆଳୀ ।

ଦେଖି ସେ ପ୍ରସନ୍ନ ମହାନଦୀ ଜଳେ
ଅଙ୍ଗ ଢାଳିବାକୁ ପ୍ରସନ୍ନ ଅନ୍ତରେ,

ଭୁଡ଼ାଇ ହେମାଙ୍ଗ ଉଠୁ ତରତରେ
ବସନ-ପଟ୍ଟିକା ବାତେ ଫରଫରେ ।

ଲଜ୍ଜାଭୟେ ଅଙ୍ଗ ସଙ୍କୋଚଣ ପୁଣି
ଭୁଡ଼ନ୍ତ ବରାଙ୍ଗ ଢାଙ୍କି ସେ ତରୁଣୀ ।

ଅର୍ଦ୍ଧ ଭାସମାନ ସେ ମୁକ୍ତ କୁନ୍ତଳ

ସେ ବିମଳ ଜଳେ   ଝଟଶ ଢଳ ଢଳ ।
ଭାବୁକ ମାନସେ   ଆସେ ଏହି ଭାବ
ଦେଖି ଏଥି ସୁର—   ଧୁନୀ ଆବିର୍ଭାବ,
ଶୈବାଳ ଲାଞ୍ଛିତ   ସ୍ୱର୍ଣ୍ଣ ପଦ୍ମାବଳି
ସକୁଦ୍ଭୁଳ ଗଳ—   ମୃଣାଳେ କି ଝଳି ?
ଖେଳୁଥିଲା ଯେଉଁ   ଅଙ୍ଗେ ଯେ ତରଙ୍ଗ
କେଉଁ କାଳୁଁ ଛୁଡ଼   ଦେଲାଣି ତା ସଙ୍ଗ ।
ଭାସିଗଲା ପ୍ରାୟେ   ସୁନ୍ଦରୀର କେଶ
ଗଲାଣି ସେ ଦେଶ   ନାହିଁ ଚହ୍ନ ଲେଶ ।
ବୁଡ଼ିଗଲା ଗଡ଼   କେଉଁ ରସାତଳେ
ଡଳଗଡ଼ ନାମ   ରହିଲା ଭୂତଳେ ।
ଗଡ଼ ନାହିଁ ଗଡ—   ନାୟକେ ଅଛନ୍ତି
ପାଇକ ଭାଇଙ୍କ   ସଙ୍ଗେ ବାନ୍ଧି ପନ୍ତି ।
କାହିଁ ଗଲା ସେହି   ନାରୀଙ୍କ ଲୀଳା
ସବୁ କି ପାଲଟି   ଗଲା ଝାଣି ଶିଳା ?
ତେଣୁ କି ଏ ମାନ   ବିବିଧ ବରଣ (୧)
ହରନ୍ତି ଦର୍ଶନେ   ଦର୍ଶକ—ନୟନ ।
କାହିଁ ଗଲା ସେହି   ଚତୁରଙ୍ଗ ବଳ
ଯା ଯେନ ଏ ସ୍ଥଳ   ଥିଲା ଊର୍ଜସ୍ୱଳ ।

(୧) ଏଠା ଖଣିରେ ବିବିଧ ବର୍ଣ୍ଣର ସୁନ୍ଦର ପଥର ଦେଖାଯାଏ ।

କାହିଁ ଗଲେ ମନ୍ତ୍ରୀ— ପତ୍ତ ବଂଶଧରେ
କାହିଁ ତାଙ୍କ କୁଳ ଖ୍ୟାତ ଏ ତଳେ ?
ସବୁ ଏହିପରି ଏ ଭବେ ଭଙ୍ଗୁର
ସର୍ବଂକଷ କାଳ କି ନ କରେ ଚୂର !
କି ଫଳ ତେବେ ଏ ବୃଥା ଆସ୍ଫାଳନେ
ଅଭିମାନ-ସ୍ଫୀତ ବକ୍ଷ ପ୍ରସାରଣେ ?
କି ଧନ ସମ୍ମାନ କି ଗୁଣ ଗୌରବ
ସବୁରି ତ କାଳ—ହସ୍ତେ ପରାଭବ ।
ଏ ମାନ ପାଦପେ ପୁଷ୍ପ କଣଳସ୍ତୁ
ଦୃଶ୍ୟେ ସୁନ୍ଦର ନୁହଇଟି ଅସ୍ତୁ ।
ବୃକ୍ଷତଳେ ନତ ପଡ଼େ ଯେଉଁ ଶୁସ୍ମା
କେତେ ଆଡ଼ମ୍ବର—ଶୂନ୍ୟ ତାର କାସ୍ମା ?
ନାହିଁ ତହିଁ ଭେଦ ପୁଷ୍ପ ପଲ୍ଲବର
ସୂକ୍ଷ୍ମ ସତ୍ତ୍ୱ ଏକ ଦିଶେ ମନୋହର,
ଏହି ଶୁସ୍ମାଧର୍ମ ଅନୁସରି ସର୍ବେ
ଅନ୍ତର ନିର୍ମଳ କରି ଏହି ଭବେ ।
ଉତ୍ତରକୁ ଚେତ୍ତ ଏହି ଶୁଦ୍ଧ ବ୍ରତେ
ଚଳିଲ୍ ଲଭିର ମୁଖେ ଟଙ୍କ ପଥେ,
ଏହି ଯେ ଦିଶଇ ଗୋଲ୍-ଚୂଳ କୋଠି (୧)

(୧) ପାହାଡ଼ର ଉତ୍ତରରେ ମହାନଦୀ କୂଳରେ ପୂର୍ବ ବଣିଗର ସରକାରୀ କୋଠିଟି ଦିଶେ । ଏହାର ଗଠନ ବର୍ଣ୍ଣନାର ଅନୁରୂପ ।

ତାର ପଦତଳେ   ମହାନଦୀ ଲୋଟି,
ଧୂଆଇ ସେ ଶର—   ବଦ୍ଧଦୀର୍ଣ୍ଣ ଶିଳା
ଯା ଶିର ମଣ୍ଡନ୍ତ   ସିନ୍ଦୂର-ନଟିଳା,
ଅଦ୍ୟାବଧି ସେହି   ଦେବୀ ଶଙ୍ଖେଶ୍ୱରୀ (୧)
ଯାର ଅତ୍ୟାଗ୍ରରେ   ସୁରେନ୍ଦ୍ର-କେଶରୀ.
ଧନ୍ୱୀ ଧନଞ୍ଜୟ   କୋପିଲେ ଦ୍ୱାପରେ,
ବନବାସୀ ହୋଇ   ବନୁଁ ବନାନ୍ତରେ
ଭ୍ରମୁଥିଲେ ଯେବେ   ସଂକଳ୍ପ ପାଳନେ
ଏ ଦେଶେ, ସେ କାଳେ   ପଡ଼ିଲା ଶ୍ରବଣେ,
"ଶବର ଜନନୀ   ସଂହାରଇ ସର୍ବେ
କେ ଅଛ ଉଦ୍ଧର,   ଷିନ୍ତୁଁ ଏ ଭବେ"
ସରୋଷେ ଗାଣ୍ଡୀବ   ତହୁଁ ତରତରେ
ପେଷନ୍ତେ ନାରାଚ   ଦେବୀ ଉଦ୍ଦେଶ୍ୟରେ,
ଆଶୀବିଷସମ   ଭୀଷଣ ନିଃସ୍ୱନେ
କ୍ଷଣେ ଚମକାଇ   ବ୍ୟୋମ ଆସ୍ତରଣେ,
ପଡ଼ିଲା ଏଠାରେ   ଦେବୀ ପାଦମୂଳେ,
ତା ଦର୍ଶନେ ଦେବୀ   ଅଥୟ ଆକୁଳେ

(୧) ପୂର୍ବକାଳରେ ଏହି ସ୍ଥାନରେ ଶବର ଦେବତା । ଶଙ୍ଖେଶ୍ୱରୀ ମନୁଷ୍ୟମାନଙ୍କ ଉପରେ ଉତ୍ପାତ କରୁଥିବାରୁ ଶୁଣି ବନବାସୀ ଅର୍ଜୁନ କ୍ରୁଦ୍ଧ ହୋଇ ତାହାକୁ ନାରାଚ ବା ଶର ବିନ୍ଧିଥିଲେ । ସେହି ନାରାଚ ଦେବୀଙ୍କ ପାଦ ପାର୍ଶ୍ୱରେ ପଡ଼ିବାରୁ ସେ ଭୀତ ହୋଇ ଜନସଂହାରରୁ କ୍ଷାନ୍ତ ହୋଇଥିଲେ ।

ସେ ନାଗ୍ରରେ ଖଣ୍ଡ ଖଣ୍ଡ ହୋଇ ଶିଳା
ଗଣ୍ଡଶୈଳୁ ଖସି ନଦୀରେ ପଶିଲା ।
ସେହି ଦିନୁ ସ୍ଥଳୀ ନଗ୍ରଜ * ଉଦିତ,
ମହାନଦୀ ନୀର— ଧୌତ ପଦାଙ୍କିତ ।
ଦକ୍ଷିଣେ ଏହାର ନଗ୍ରଜ କୁମାରୀ
କୁମାରୀ ପରାଏ ଏହି ସୁକୁମାରୀ
ଥିଲା ଅବିକ୍ଷତ, ହସ୍ତ ନ ଲାଗନ୍ତେ
ପ୍ରପୂରନ୍ତି ବକ୍ଷ ଦେଖାଇ ଜଗତେ ।
ନଳାବନ୍ଧ (୧) ଲାଗି ହୁଅନ୍ତେ ବର୍ଦ୍ଧନ
ବକ୍ଷ୍ୟ ହେଲା ସର୍ବ ପୂର୍ବପ୍ରତିବନ୍ଧ ।
ସେହିଦିନୁ ଏହି ପୂର୍ଣ୍ଣ ଗର୍ଭବତୀ
ଯୋଗାଇଛି କେତେ ପାଷାଣ ସନ୍ତତି ।
ଅଦ୍ୟାପି ସେମାନ କାଠଯୋଡ଼ୀ ବକ୍ଷେ
ସେତୁ ଦେହେ ପୂରି ରହିଛି ପ୍ରତ୍ୟକ୍ଷେ ।

*ତେଣୁ ସ୍ଥାନର ନାମ ନାଗ୍ରଚ (ଅପଭ୍ରଷ୍ଟ ହୋଇ ନାଗ୍ରଜ ବା ନଗ୍ରଜ) ହେବାର ସ୍ଥାନୀୟ କିମ୍ବଦନ୍ତୀ ପ୍ରଚଳିତ ଅଛି । ବର୍ତ୍ତମାନ ଏହା କୋଠି ତଳ ଗଣ୍ଡ ଶୈଳରେ ଗୋଟିଏ ଭଗ୍ନଶିଳା ଉପରେ ଶବରଦ୍ୱାରା ଏହି ଦେବୀଙ୍କର ପୂଜାଦି ହୋଇ ଆସୁଅଛି । ତତ୍ସଂଲଗ୍ନ ଗୋଟିଏ ଉର୍ଦ୍ଧ୍ୱଗ ବକ୍ର ସ୍ତମ୍ଭାକାର ଶିଳାକୁ ଅଦ୍ୟାପି ସ୍ଥାନୀୟ ଲୋକେ ସେହି ନାଗ୍ରଚ ବୋଲି ଆଗନ୍ତୁକଙ୍କୁ ଚିହ୍ନାଇ ଦିଅନ୍ତି ।

(୧) ଆନିକଟ କାଠଯୋଡ଼ୀର ଆନିକଟ ହେବା ସମୟରେ ଏହି ନଗ୍ରଜ କୁଆଁରୀ ନାମକ ଖଣିରୁ ପଥର ଯାଇଥିଲା । ପୂର୍ବୋକ୍ତ କୋଠିର ଦକ୍ଷିଣରେ ଏହି ଦୀର୍ଘ ଖଣିଟି ଅଛି ।

ଅନର୍ଗଳ ନଳା--- ରନ୍ଧ୍ରେ ଉର୍ଦ୍ଧ୍ୱ ଜଳ
କର୍ଣ୍ଣ କଟୁନାଦେ ଝରେ ଅବରଳ ।

ନିଶାନ୍ତେ ନରକ—ବାସୀଙ୍କର ସ୍ୱାପ—
ଭଙ୍ଗେ ଦକ୍ଷ ଏକା ଏହାର ପ୍ରତାପ ।

ବାମେ ମହାନଦୀ ସମ୍ପୂର୍ଣ୍ଣ ବିଭବେ
କାଠଯୋଡ଼ୀ ପୂର୍ବ— ମୁଖୀ ଶୂନ୍ୟଗର୍ଭେ ।

ନଳା ବନ୍ଧେ ଏବେ ହୋଇ ସେ ଦୁର୍ବଳା
ଗ୍ରୀଷ୍ମେ ବସିଲାଣି ହେବାକୁ ନିର୍ଜଳା ।

କ୍ଷୀଣ ଜଳରେଖା ଗ୍ରାମ ପୃଷ୍ଠଭାଗେ
ଗତଶ୍ରୀନ ସ୍ତବ୍ଧ ପ୍ରାନ୍ତ ଧଶେ ଆଗେ ।

ଦିବା ଅବସାନ ଦେଖି ଏବେ ପର
ନୀର ଆହରଣେ ହେଲେଣି ତତ୍ପର ।

ଏ ଗ୍ରାମ ଗୃହିଣୀ ବହି କୁମ୍ଭ ବେନ
ଏକ କରତଳେ ଆନ କକ୍ଷେ ଯେନ ।

ଗୋପାଳ ମଧ୍ୟରେ ଦେଇ ଗାଲତୁଣ୍ଡ
ଟିରିଶିଖୁ ଗୋରୁ ଆଣଇ ଘଉଡ଼ି ।

ବନ୍ଧ ଏବେ ବାତ ଉଷ୍ଣନାଶ ଭବ
ବହଳ ସ୍ୱରତେ ଝିଙ୍କଟିଳ ନଭ ।

ସିନ୍ଦୂରତ ପୁଣି ବାରୁଣୀ ଲଲାଟ
କନକର ଚୋପା ଯନ୍ତ୍ରେଁ ଜ୍ୟୋତିରାଟ ।

କ୍ଷଣକେ ସେ ଗୋଳା ସିନ୍ଦୂର ଛଟରେ
ଗୋଲକ ଝଲିଲା ପାଟଳ ବରଣେ ।

ଘୋଟିଗଲା ଶୂନ୍ୟେଁ ଶୂନ୍ୟେଁ ପାଟଳିମା
ଜ୍ୟୋତି ପାରିଜାତ କିବା ବ୍ୟୋମସୀମା ?

ଲୁପ୍ତ ସେ ବକ୍ଷେ ତହୁଁ ଦେଲା ଦେଖା
ଲୁଚିଦେଲା ପ୍ରାନ୍ତେ ବୃଷ୍ଟି ଅଭ୍ରରେଖା ।

କଜ୍ଜ୍ୱଳର ଗିରି ଯେହ୍ନେ ଥରେ ଥରେ
ଆବରିଲା ସେହ୍ନ ଛବିକି ଅମ୍ବରେ ।

ଡୁବିଗଲା ସେହ୍ନ କଜ୍ଜ୍ୱଳ ଉଢ଼ାଳେ
ସ୍ୱର୍ଣ୍ଣଛବି ରବି ଦେବଦ୍ୱାରପାରେ ।

ଫଗୁର ପିଚକା ମାଡ଼ିଲା ପଶ୍ଚିମେଁ
ରକ୍ତ ରଙ୍ଗକର ସ୍ଥିତିମୁଖେ ଯାଏଁ ।

ଧାଇଁଲେ ଯାବନ୍ତ ଜୀବ ଯେଝା ବାସେ
ଲିଭିଲେ ସେ ଛବି ପଶ୍ଚିମ ଆକାଶେ ।

ପ୍ରଚୁର ଖେଚରେ ମହା କୋଳାହଳେ
ବାହୁଡ଼ିଲେ ନୀଡ଼—ତରୁଡ଼ାଳେ ଉରେ ।

ମେଳ ବାନ୍ଧି ଦଳେ ଦଳେ ବଟବୃକ୍ଷେ
ରହିଲେ କରଟେ ବସି ଅଧଚକ୍ଷେ ।

ରଥାଙ୍ଗ ଦମ୍ପତି ମହାନଦୀ ଜଳେ
ଶୋକାକୁଳେ ପଛ ସନ୍ଧ୍ୟା ଉଭାଗଲେ ।

ବସନ୍ତି ଅପର ପାରେ ରଥାଙ୍ଗୀରେ
ଶୋକ-ସ୍ୱରେ କୋକ ବାହୁଡ଼ିଲେ ଧୀରେ ।

କାହୁଁ ମହାଗ୍ରୁସ୍ମା ଅଇଲା ଏ ଧାଇଁ
କାଳିମାରେ ସବୁ ଦେଲାକ ଗୋଳାଇ !

ଗୃହୁଁ ଗୃହୁଁ ମହା ସେ ଗ୍ରୁସ୍ମା ଗରଭେ
ଡ଼ୁବିଗଲା ଯେହ୍ନେ ନୀରବେ ନୀରବେ ।

ନଭସ୍ଥଳେ ମିଶି— ଗଲା ଶୈଳମାନ
ଗୋଟି ଗୋଟି ଦୃଷ୍ଟୁ ଭଜ ଅନ୍ତର୍ଦ୍ଧାନ ।

ସ୍ୱର୍ଣ୍ଣ ପୁଚ୍ଛ ମେଲି ଦାଡାଣ୍ଟି ସ୍ରମିତେ
ପର୍ବତ ପରତେ ଆଣିଲା କଷ୍ଟତେ ।

ଦେଖୁ ଦେଖୁ ରେଖା ରେଖିଲା ପରାଏ
ଖେଦିଗଲା ଶିଖା ଗିରି ଶିଖାଯାଏ ।

ରବିପଛେ ଧୂମ—ପୁଚ୍ଛ କ ବତାଇ
ଆସିଲା ଏ ଭ୍ରମ ଧୂମକେତୁ ଧାଇଁ ?

ଧୂମକେତୁ ସମ ବର୍ଣ୍ଣ ହାସ କର
ଦୂରକୁ ପୁଣି ଏ ଦଶଇ ସୁନ୍ଦର,

ସୁନୀଳ ଅମ୍ବରେ ଲିପ୍ତ ଶୈଳ ଅଙ୍ଗେ
ସ୍ଥିର ତଡ଼ିଲ୍ଲତା ପରାଏ କ ରଙ୍ଗେ ?

ଉପଶ୍ଚିତେ ଏଣେ ଲଭି ଶୋଭାସାର
ପ୍ରାଚୀ ସୁହାସିନୀ ଦଶଇ ଉଦାର !

କସ୍ତୁରୀ ଲାଞ୍ଛିତ   ଚନ୍ଦନର ବିନ୍ଦୁ
ପ୍ରାଏ ଶୋଭାପାଏ   ଭାଲେ ବାଳଇନ୍ଦୁ ।

ତାରକା ଗୁମ୍ଫିତ   ରତ୍ନମୟ ହାରେ
ପଦକ ପରାଏ   କବି କଳ୍ପନାରେ ?

ବିଭାବରୀ ଆସୁ   ବିଭାରେ ଭାସ୍ୱର
ହୋଇ ଉଜଳିଲା   ଅବନୀ ଅମ୍ବର ।

ସୁଧାଧୌତ ପ୍ରାୟ   ଦିଶିଲା ଧବଳ
ପ୍ରସାରିତ କାଠ—   ଯୋଡ଼ୀ ଉରସ୍ଥଳ ।

ଦିଶେ ସ୍ୟନ୍ଦନାରେ   ବୋଳା ଧାରାଜଳ
ସୁରଧୁନୀ ପୟଃ   ପରାୟେ ନିର୍ମଳ ।

ଶୀତାଂଶୁ ପରଶେ   ଶୀତ ସମୀରଣ
ଆସିଲା ମୁଖର   ଖର ତରୁବନ ।

ନରମୁଣ୍ଡ ଗଢ଼ା   ଏ ମୁଣ୍ଡମୁହାଣ
ଶୁଭ୍ରତାରେ ଆହା   କେଡ଼େ ମହୀୟାନ !

ସମର ବିଜୟୀ   ଗ୍ଲେରଗଙ୍ଗଙ୍କର
ଯଶଃ ପଟ୍ଟବତ   ଦିଶଇ ଭାସ୍ୱର !

ବିପତ୍ତିତେ ଏବେ   ଶୋଭେ ସାରଧ୍ୱଂସୀ
ବିଜାନାସି ନାମେ   ଭଗ୍ନ ବାରାଣସୀ ।

ଲଭି ନାହିଁ ତାର   ପୂର୍ବ ଅଭିମାନ
ସ୍ମୃତିରେ ଅଦ୍ୟାପି   ରହିଛି ସ୍ମଶାନ !

ଛଟକେ କଟକୁଁ ନାନା ଗଳ୍ପ ଭାଷି
ଆସନ୍ତ ନଗର ପୁରଅଧିବାସୀ ।

ବହୁକଷ୍ଟେ ଯାହା ନେଇଥିଲେ ବାନ୍ଧ
ବନ୍ଧମୁକ୍ତ ତାର ପାଇଛନ୍ତ ସାଧ ।

ନାହିଁ ଆଉ ଚିନ୍ତା, ସେ ପ୍ରଖର ତାପ,
ବୈପରୀତ୍ୟେ ଏବେ ଆନନ୍ଦ ଅମାପ ।

ନଶା ପାଉ ଯେଝା ବାସେ ଗଲେ ଚଳି,
କାଠଯୋଡ଼ୀ ବନ୍ଧ ହେଲା ନେଡାର୍ଗଳି ।

ଅର୍ଗଳି ହେଲା ସେ ଶୋଭାର ଭୁବନେ
ଫେରିଲି ଭବନେ ତେଣୁ ଶୂନ୍ୟମନେ ।

ଆହା, ଏହି ଶୋଭା ବାଣୀ-ସଞ୍ଜୀବନୀ
ଭବେ ବଶ୍ୟ ଜନ— ମନ ଆହ୍ଲାଦିନୀ ।

ଏହି ବିନା ସର୍ବ ଜୀବର ଜୀବନ,
ଏହା ଯେବେ ଦୁଃଖ— ଭୁବନେ ଚେତନ

ଜୀବନ୍ତ, ଯାବନ୍ତ ଏକାଳ ଅଣ୍ଡୀବ
ଅଭ୍ୟାସି ନାହିଁଟି ଗ୍ରାସ ଅନୁଭବ ।

ନହେ କେଉଁ ପ୍ରାଣୀ ଯାସେ ବଞ୍ଚିତ
ଭବୁଁ ଶୋଭାଶ୍ରେଣୀ ହେଲେ ତିରୋହିତ ।

ଶୋଭା ଆବର୍ତ୍ତେ ସର୍ବେ ଜାଗରୂକ
ଶୋଭା ଯୋଗୁଁ ବିନା ମୂର୍ଖ ବାଚଳିକ ।

ଏ ନିସର୍ଗ ସେବା କରି କବିବରେ
ଲଭିଥିଲେ ଦିବ୍ୟ ରସନା ତା ବରେ ।

ନମଇଁ ଗୋ ଶୋଭା— ଦେବି, ତବ ପଦେ
ଲାଗି କରି ଧାନେ ସେ ଦିବ୍ୟ ସମ୍ପଦେ ।

କରୂପେ ବରଦା ହୁଅନ୍ତି ବାଗ୍‌ଦେବୀ
ବରି କବିବର୍ଗେ, ତୋର ପଦସେବୀ ।

ଦିଅ ମା ସେ ବର ସେ ବିଭବ ଆଣି,
ତବ ପ୍ରସାଦରେ ଲଭିବ ସେ ବାଣୀ !

ଶୋଭାମୟ ବିଭୁ, ଶୋଭାର ଜଗତ
କଲ ପ୍ରସାରିତ, କିନ୍ତୁ ଅଶକତ

ଏ ଅଧମ ଜନ ତାହାର ଗ୍ରହଣେ
ଦିଅ ପ୍ରଭୁ, ନବ ଶକ୍ତି ଏ ଜୀବନେ ।

ଫୁଲ୍ଲ ଦଶମୀରେ ଏ ଫୁଲ୍ଲ କବିତା
କାହା କରେ ବଢ଼ି ହେବ ବା ଶୋଭିତା !

ନାହିଁ ଏଥି ଲବେ କବିତାର ଛଟା
କବିକଳପନା ଅଳଙ୍କାର ଘଟା ।

ବାଞ୍ଛନ୍ତି ସୁଧା— ସ୍ୱାଦ ଯେଉଁମାନେ
ସେ କିପାଁ ରସିବେ ଖାର ଜଳପାନେ ?

ଶୁଦ୍ଧବର୍ଣ୍ଣ ସ୍ୱର୍ଣ୍ଣ ସମୀପେ ଦେଖି ଏ
ଭୁଚ୍ଛା ପିତ୍ତଳକୁ ପଚରିବ କିଏ ?

କାହା ପାଖେ ଏହି ତୁଚ୍ଛ କାରଗରି
ଦେଖାଇବ କେଉଁ ଦମ୍ଭ ଅବା ଧର ?
ବରଜ ଥିଲି ମୁଁ କବିତା ପ୍ରସଙ୍ଗ
ଅରଜିଲି ମନ ଏକ ଅନ୍ୟାସଙ୍ଗ ?
କବିବରଙ୍କର ଉପଦେଶ ଡରେ
କବିତାକୁ କେବେ ଲେଖଣୀ ନ ଧରେଁ ।
ରଚନାରେ ସେହି କବିଙ୍କ ଭାରତୀ
ରସନାରେ କୌଳି ବଳାଇଲି ମତି ।
ଖ୍ୟାତିଲାଭେ ଅବା ଯଶ ଲାଳସାରେ
ଲେଖି ନାହିଁ ପାଞ୍ଚ ଲୋକ ବ୍ୟବହାରେ ।
ସ୍ଥାନକ୍ଷଣ ପାଇ ବଳିଗଲା ମନ
ନାହିଁ ମୋ ଏଥିରେ କିଛିହିଁ ଯତନ ।
ଜାଣଇ ଏହାର ନୋହିବ ଆଦର
ତଥାପି ଅନ୍ତରେ ହେଲା ଏହି ବଳ,
ଏ କବିତା ଲୋକେ ହେଲେ ହସ୍ତଗତ
ଗୁଣ ବୈପରୀତ୍ୟେ ହସ୍ତେ ବଢିବ ତ
ଆନର ମହତପଣ, ତାହା ଶ୍ରେଷ୍ଠ,
ନାହିଁ ଦୁଃଖ ଏହା ହେଉ ପଛେ ହେୟ

—ঃ৺ঃ—

(ସ ମା ପ୍ତ ।)

Printed by B. K. Kar,
THE SARASWATA PRESS,
CUTTACK.
1928.